Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୨୧
Volum. - 21 ■ Issue No.- 21
Sunday ■ Balangir
ରବିବାର ■ ବଲାଙ୍ଗିର
www.koshalaprabaha.com

# KOSHALA PRABAHA
# କୋଶଳ ପ୍ରବାହ

R.N.I.No.: ODIODI/2000/03637 / ୦୪ ଏପ୍ରିଲ୍ - ୧୦ ଏପ୍ରିଲ୍ ୨୦୨୧ / 04 April - 10 April 2021 / Odia Weekly / 8 Pages / Rs.2/- only

## ସଦାବେଳେ ମା', ମାତୃଭାଷା, ମାତୃଭୂମି ଓ ନିଜ ଜନ୍ମସ୍ଥାନକୁ ସ୍ମରଣ ରଖ : ଉପ ରାଷ୍ଟ୍ରପତି




- ବିଚାରାଳୟ ଓ ପ୍ରଶାସନରେ ମାତୃଭାଷାର ବହୁଳ ପ୍ରସାର ନିମନ୍ତେ ଉପ ରାଷ୍ଟ୍ରପତିଙ୍କ ଆହ୍ୱାନ
- ସମାଜର ସଫଳ ବ୍ୟକ୍ତିମାନେ ନିଜ ଜନ୍ମସ୍ଥାନ ପାଇଁ କାର୍ଯ୍ୟ କରିବା ଉପରେ ଉପ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ
- 'ନୀଳିମା ରାଣୀ- ମୋ ମା', ମୋ ହୀରୋ'କୁ ଉନ୍ମୋଚନ କଲେ ଉପ ରାଷ୍ଟ୍ରପତି ଏମ. ଭେଙ୍କିଆ ନାଇଡୁ

ଭୁବନେଶ୍ୱର, (ପିଆଇବି) : ନିଜର ଜନ୍ମସ୍ଥାନ ଉପରେ ଗୁରୁତ୍ୱ ଦେବା ଲାଗି ଉପ ରାଷ୍ଟ୍ରପତି ଏମ. ଭେଙ୍କିଆ ନାଇଡୁ ମତ ପୋଷଣ କରିଛନ୍ତି । ଏଥି ସହ ନିଜର ମୂଳ ଜନ୍ମସ୍ଥାନକୁ ସ୍ମରଣ ରଖିବା ସହ ନିଜର ମା', ମାତୃଭାଷା, ମାତୃଭୂମି ଓ ଜନ୍ମସ୍ଥାନ ପ୍ରତି ମନରେ ସମ୍ମାନବୋଧ ରଖିବା ନିମନ୍ତେ ଆହ୍ୱାନ ଜଣାଇଛନ୍ତି ।

ଭୁବନେଶ୍ୱରର ରାଜଭବନଠାରେ 'ନୀଳିମା ରାଣୀ- ମୋ ମା', ମୋ ହୀରୋ' ଶୀର୍ଷକ ଏକ ପୁସ୍ତକ ଉନ୍ମୋଚନ କରିବା ଅବସରରେ ଉଦ୍‌ବୋଧନ ଦେଇ ଉପରାଷ୍ଟ୍ରପତି କହିଛନ୍ତି ଯେ ଶିକ୍ଷା, ବିଚାରାଳୟ ଓ ପ୍ରଶାସନିକ କ୍ଷେତ୍ରରେ ମାତୃଭାଷାର ବହୁଳ ବ୍ୟବହାର କରାଯିବା ଆବଶ୍ୟକ । ଅତି ନିଷ୍ଠା ଓ ମାନସିକତାର ସହିତ ଏହାର 'ପ୍ରଚାର ଓ ଯତ୍ନ' ଭାବନା ମନରେ

(ସପ୍ତମ ପୃଷ୍ଠା ଦେଖନ୍ତୁ)

## ସହାୟତାକୁ ଅପେକ୍ଷା କରି କରି ଆଖି ବୁଜିଲେ ଜୟକୃଷ୍ଣ



ଖପ୍ରାଖୋଲ, (ନିପ୍ର) : ବିଧିର ବିଧାନ ସତରେ କେଡ଼େ ନିଷ୍ଠୁର ! ଖେଳିବା, ଖାଇବା ବୟସରେ ଦୁନିଆକୁ ଭଲ ଭାବେ ଦେଖି ନଥିବା ଗରିବ ଅସହାୟ ପରିବାରରେ ଜନ୍ମିତ ଜୟକୃଷ୍ଣଙ୍କ ପରଲୋକ ହୋଇଯାଇଛି । କିଛି ଦିନ ଆଗରୁ 'ସହାୟତା ଅପେକ୍ଷାରେ ଫୁଲଝର ଗ୍ରାମର ଜୟକୃଷ୍ଣ' ବୋଲି 'କୋଶଳ ପ୍ରବାହ'ରେ ଖବର ପ୍ରସାରଣ କରିଥିଲୁ । ସେହି ଖବରକୁ କେତେକ ସାମାଜିକ କର୍ମୀଙ୍କ ଦ୍ୱାରା ସୋସିଆଲ ମିଡିଆରେ ଭାଇରାଲ୍ କରାଯିବା ସହ ଟୁଇଟରରେ ଟୁଇଟ୍ ମଧ୍ୟ କରାଯାଇଥିଲା । କିନ୍ତୁ କିଛି ଲାଭ ହେଲା ନାହିଁ । ଜୟକୃଷ୍ଣ ସହାୟତାକୁ ଅପେକ୍ଷା କରି କରି ଆଖି ବୁଜି ଦେଇଛନ୍ତି । ତାଙ୍କୁ କୌଣସି ପ୍ରକାର ସହାୟତା ମିଳିପାରିଲା ନାହିଁ । ତାଙ୍କର ଯକୃତ ଖରାପ୍ ହୋଇଯାଇଥିବା ଯୋଗୁଁ ସର୍ଜରୀ ପାଇଁ ୩ରୁ ୪ ଲକ୍ଷ ଟଙ୍କା ଦରକାର ପଡୁଥିବା ବେଳେ ବାପା ସୁଦୂର ତେଲେଙ୍ଗାନା ସ୍ଥିତ ଏକ ଇଟାଭାଟିରେ ବନ୍ଧା ପଡିଛନ୍ତି । ଲାଠୋର ଗ୍ରାମର ଦାଦନ ସର୍ଦ୍ଦାର ମୁଜିବ ଖାନ୍ ସେମାନଙ୍କୁ କିଛି ଅଗ୍ରୀମ ଦେଇ ଇଟା ଗଢ଼ିବାକୁ ପଠାଇଥିଲେ । ପୁଅର ରୋଗ ବିଷୟରେ ବାରମ୍ବାର ମୁଜିବ୍ ଖାନଙ୍କୁ ଜଣାଇଥିଲେ ମଧ୍ୟ ଜୟକୃଷ୍ଣଙ୍କର ବାପାଙ୍କୁ ଓଡ଼ିଶା ଫେରାଇ ଆଣିବାକୁ ସେ ଚେଷ୍ଟା କରିନଥିଲେ ବୋଲି ଅଭିଯୋଗ ହୋଇଛି । ଶେଷରେ ଦୁନିଆରୁ ଚାଲିଗଲେ ଆଖିରେ ଆଖିଏଁ ଅପୂରଣୀୟ ସ୍ୱପ୍ନ ନେଇ ଜୟକୃଷ୍ଣ ଶବର । ଦେଖିବାକୁ ବାକି ରହିଲା, ଏବେ ପ୍ରଶାସନ ପକ୍ଷରୁ କି ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ।

ଓଡ଼ିଶା ଦିବସ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ପବିତ୍ର ଉତ୍କଳ ଦିବସ - ୨୦୨୧ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

କରୋନା ବିରୋଧରେ ଓଡ଼ିଶାର ଲଢ଼େଇ ବେଶ୍ ଉତ୍ସାହପ୍ରଦ । ଆସନ୍ତୁ, ନିର୍ଣ୍ଣାୟକ ନିଷ୍ପତ୍ତି ପର୍ଯ୍ୟନ୍ତ ଏହାକୁ ଜାରି ରଖିବା ।

ଗଣେଶୀ ଲାଲ
(ଗଣେଶୀ ଲାଲ)

ଓଡ଼ିଶା ଦିବସ-୨୦୨୧ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ୍ୟ ମୋର ସମ୍ମାନ ଜଣାଉଛି । ଆଜି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ସାରା ଦେଶ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆଜିର ଏହି ପବିତ୍ର ଦିବସରେ ଶପଥ ନେଇ କାମ କରିବା ।

ଏହି ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ କୋଭିଡ ନିୟମାବଳୀ କଡ଼ାକଡ଼ି ଭାବରେ ପାଳନ କରନ୍ତୁ । 'ଘରେ ରୁହନ୍ତୁ', ନିଜକୁ, ନିଜ ପରିବାରକୁ ଏବଂ ବନ୍ଧୁ ପରିଜନଙ୍କୁ ସୁରକ୍ଷିତ ରଖନ୍ତୁ ।

ବନ୍ଦେ ଉତ୍କଳ ଜନନୀ

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)



ଓଡ଼ିଶା ଦିବସ ପାଳନ ଅବସରରେ
ବାର୍ତ୍ତା

ଓଡ଼ିଶା ଦିବସ - ୨୦୨୧ ପାଳନର ଶୁଭ ଅବସରରେ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଆମର ପୂର୍ବସୂରୀ, ଯେଉଁମାନଙ୍କ ଅମୂଲ୍ୟ ଅବଦାନ ବଳରେ ଭାଷାଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା, ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ର ପରିଚିତି ରହିଛି । ଏସବୁର ସଂରକ୍ଷଣ, ସମୃଦ୍ଧି ଏବଂ ପ୍ରଚାର ପ୍ରସାର ପାଇଁ ଆସନ୍ତୁ, ଆଜିର ଏହି ମହାର୍ଘ ଦିବସରେ ସଂକଳ୍ପ ନେବା ।

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା କରୋନା କଟକଣା କଡାକଡି ଭାବେ ପାଳନ କରନ୍ତୁ । ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-85 OIPR-15001/13/0137/2021

# ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଉପରାଷ୍ଟ୍ରପତିଙ୍କ ଅଭିଭାଷଣ

ମନୋରମ ମନ୍ଦିର ନଗରୀ ଭୁବନେଶ୍ୱରରେ ଅବସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ମୁଁ ବିଶେଷ ଆନନ୍ଦିତ। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଶାର ପ୍ରଥମ ତଥା ଅବିଭକ୍ତ ଭାରତର ସପ୍ତଦଶ ବିଶ୍ୱବିଦ୍ୟାଳୟ ହୋଇଥିବା ଜାଣି ଖୁସି ହେଲି। ମୋଟ ୨୭ଟି ସ୍ନାତକୋତ୍ତର ବିଭାଗ, ୮ଟି ସେଂଟର ଅଫ ଏକ୍ସଲେନ୍ସ ଓ ଗୋଟିଏ ଇଂଟର ନ୍ୟାସନାଲ ସେଲ୍ ସହିତ ଏହି ବିଶ୍ୱବିଦ୍ୟାଳୟ ଯଥାର୍ଥରେ ଓଡିଶାର ଶିକ୍ଷା କ୍ଷେତ୍ରର ଏକ ଆକର୍ଷଣ। ରାଷ୍ଟ୍ରୀୟ ମୂଲ୍ୟାଙ୍କନ ଏବଂ ପ୍ରତ୍ୟାୟନ ପରିଷଦ ବା 'ନ୍ୟାକ୍' ଦ୍ୱାରା ୨୦୧୬ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏ+ ଗ୍ରେଡ୍ ମାନ୍ୟତା ପାଇଥିବାରୁ ମୁଁ ଏହି ଶିକ୍ଷାନୁଷ୍ଠାନକୁ ଅଭିନନ୍ଦନ ଜଣାଉଛି। ଏହି ମାନ୍ୟତା ଉତ୍କଳ ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷାର ମାନ ଏବଂ ଉତ୍କର୍ଷ ପାଇଁ ସାଲିସହୀନ ନୀତିର ଅନୁପାଳନକୁ ପ୍ରତିଫଳିତ କରୁଛି।

ପ୍ରିୟ ଛାତ୍ରଛାତ୍ରୀ,
କହିବା ଅନାବଶ୍ୟକ ଯେ ସମାବର୍ତ୍ତନ ଆପଣମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ତଥାପି ଏହି ମାଇଲଖୁଂଟ ଏକ ଯାତ୍ରାର ଆରମ୍ଭ ମାତ୍ର। ଏ ପର୍ଯ୍ୟନ୍ତ ପହଂଚି ପାରିବା ସ୍ୱୟଂ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ସେଥିପାଇଁ ଆପଣମାନଙ୍କୁ ଅଭିନନ୍ଦନ। ଉତ୍ସାହ, ଅଧ୍ୟବସାୟ, ତପସ୍ୟା ଏବଂ ଶିଖିବା ପାଇଁ ମୁକ୍ତ ମନ ଭଳି ବ୍ୟକ୍ତିଗତ ଯୋଗ୍ୟତା ଯାହା ସବୁ ଆପଣମାନେ ଏଠାରେ ଅର୍ଜନ କରିଛନ୍ତି ସେ ସବୁ ସାରା ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ରହିବ। ସେହିସବୁ ଉପଲବ୍ଧିକୁ ଅବ୍ୟାହତ ରଖିବାର ଆବଶ୍ୟକତା ରହିଛି। ସେସବୁ ଗୁଣ ଆପଣମାନଙ୍କୁ ଜୀବନବ୍ୟାପି ଦିଗ୍‌ଦର୍ଶନ ଦେବ।

ଆପଣମାନଙ୍କ ମଧ୍ୟରୁ ଅନେକ ବିଶ୍ୱବିଦ୍ୟାଳୟର ସୀମିତ ପରିସରରୁ ବାହାରି ନୂଆ ଦୁନିଆରେ ପ୍ରବେଶ କରିବେ; ଯେଉଁଠି ଅନେକ ସମସ୍ୟା ଓ ଆହ୍ୱାନ ରହିଛି। ଏହି ପରିବର୍ତ୍ତନ ସହଜ ନୁହେଁ। ମୁଁ କିନ୍ତୁ ନିଶ୍ଚିତ ଯେ ଆପଣମାନେ ବିଶ୍ୱବିଦ୍ୟାଳୟରୁ ଯେଉଁ ମୂଲ୍ୟବୋଧ ଓ ତାଲିମ ପାଇଛନ୍ତି ତାହା ଦ୍ୱାରା ଆତ୍ମବିଶ୍ୱାସର ସହିତ ଦୁନିଆର ମୁକାବିଲା କରିପାରିବେ। "ଆତ୍ମବିଶ୍ୱାସର ସହ ବିଶ୍ୱର ସମ୍ମୁଖୀନ ହୁଅ" – ଏହି ବିଚାର ଓ ସାମର୍ଥ୍ୟ ଆମର ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରବେଶ କରାଇବା ନୂଆ ଶିକ୍ଷାନୀତିର ମୂଳ ଉଦ୍ଦେଶ୍ୟ। ଶିକ୍ଷାର ଲକ୍ଷ୍ୟ କେବଳ ବୌଦ୍ଧିକ ବିକାଶରେ ସୀମିତ ନୁହେଁ। ଏହା ମଧ୍ୟ ଚରିତ୍ର ନିର୍ମାଣ ଏବଂ ଏକବିଂଶ ଶତାବ୍ଦୀର ଦକ୍ଷତାରେ ଭୂଷିତ ତଥା ଏକ ସାମଗ୍ରିକ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟକ୍ତି ଗଢ଼ିବା ପାଇଁ ଉଦ୍ଦିଷ୍ଟ।

ପ୍ରିୟ ବନ୍ଧୁଗଣ,
ଆନ୍ତର୍ଜାତିକ ଶିକ୍ଷା କ୍ଷେତ୍ରରେ ଭାରତର ଗୌରବମୟ ପରମ୍ପରାକୁ ଆମେ ଭୁଲିଯିବା ଅନୁଚିତ। ତକ୍ଷଶୀଳା, ନାଳନ୍ଦା, ବଲ୍ଲଭି ଓ ବିକ୍ରମଶୀଳା ଭଳି ପ୍ରାଚୀନ ଭାରତୀୟ ବିଶ୍ୱବିଦ୍ୟାଳୟରେ ଏକଦା ଦେଶ ବିଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ବିଦ୍ୟାର୍ଥୀ ବହୁବିଷୟକ ଓ ଜୀବନ୍ତ ପରିବେଶରେ ଅଧ୍ୟୟନ କରୁଥିଲେ।

ପରିପୂର୍ଣ୍ଣ ଓ ସୃଜନଶୀଳ ବ୍ୟକ୍ତିବିଶେଷ ସୃଷ୍ଟି କରିବାକୁ ଆମକୁ ସେହି ମହାନ ଭାରତୀୟ ପରମ୍ପରାକୁ ପୁନଃସ୍ଥାପିତ କରିବାକୁ ପଡିବ। ଦେଶକୁ ଉଭୟ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପରିବର୍ତ୍ତନ କରିବାର ବିଶେଷ ଦକ୍ଷତା ସେହିଭଳି ବ୍ୟକ୍ତି ବିଶେଷଙ୍କର ରହିବ।

ଓଡିଶାର ଇତିହାସ ସମୃଦ୍ଧ ଓ ପ୍ରେରଣାଦାୟୀ। ଏହି ମହାନ କଳିଙ୍ଗଭୂମି ସମ୍ରାଟ ଅଶୋକଙ୍କୁ ଶାନ୍ତିର ଶିକ୍ଷା ଦେଇଥିଲା; ଯାହା ଫଳରେ ସେ ଧର୍ମବିଜୟ ନୀତି ଅନୁସରଣ କରିଥିଲେ। ଓଡିଶାର ନରପତିମାନେ ଦକ୍ଷିଣ ପୂର୍ବ ଏସିଆ ସହିତ ସାଂସ୍କୃତିକ ସମ୍ପର୍କ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ସେଠାରେ ହିନ୍ଦୁ ଧର୍ମ ଓ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରାଇଥିଲେ। କଳିଙ୍ଗ ସାମ୍ରାଜ୍ୟ ମଧ୍ୟ ତାହାର ଗୌରବମୟ ସାମୁଦ୍ରିକ ପରମ୍ପରା ପାଇଁ ଖ୍ୟାତ। କାଳିଦାସ ତାଙ୍କର ପ୍ରସିଦ୍ଧ କୃତି ରଘୁବଂଶରେ କଳିଙ୍ଗ ନୃପତିଙ୍କୁ ସାଗରାଧିପତି ଭାବେ ବର୍ଣ୍ଣନା କରିଛନ୍ତି। ଏଥିରୁ ସାଗର ଉପରେ କଳିଙ୍ଗର ପ୍ରଭାବର ସୂଚନା ମିଳେ। କଳିଙ୍ଗର ଦୁଃସାହସୀ ସାଧବମାନେ ଶ୍ରୀଲଙ୍କା, ଜାଭା, ବୋର୍ଣ୍ଣିଓ, ବାଲି ଓ ବର୍ମା ସହିତ ବାଣିଜ୍ୟ ସମ୍ପର୍କ ସ୍ଥାପନ କରିଥିଲେ। ବିଭିନ୍ନ ସ୍ଥାନରେ ହୋଇଥିବା ଉତ୍ଖନନରୁ ମିଳିଥିବା ବହୁସଂଖ୍ୟକ ମୁଦ୍ରା, କଳାକୃତି ଓ ରୋମାନ ସାମଗ୍ରୀ ଆଦିରୁ ପ୍ରାଚୀନ ଓଡିଶାର ସମୃଦ୍ଧ ବାଣିଜ୍ୟିକ ସମାଜର ପରିଚୟ ମିଳେ।

ଏବେ ମଧ୍ୟ ଏଠାକାର ଲୋକେ ସେମାନଙ୍କ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ସାଧବଙ୍କ ସ୍ମୃତିରେ ବାଲିଯାତ୍ରା ପାଳନ କରୁଛନ୍ତି। ସେହି ସାଧବମାନଙ୍କ ଦକ୍ଷତା, ଉଦ୍ୟମିତା ଓ ସାହସିକତା ଦ୍ୱାରା କଳିଙ୍ଗ ଏକଦା ଏକ ସମୃଦ୍ଧ ସାମ୍ରାଜ୍ୟରେ ପରିଣତ ହୋଇଥିଲା।

ପ୍ରିୟ ଛାତ୍ରଛାତ୍ରୀ,
ମୁଁ ଚାହେଁ ଆପଣମାନେ ସେମାନଙ୍କ କାହାଣୀରୁ ପ୍ରେରଣା ନେଇ ଉଦ୍ୟମିତା ଓ ନବସୃଜନର ଆଗ୍ରହ ନିଜ ଭିତରେ ସୃଷ୍ଟି କରନ୍ତୁ। ଆମର ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସମୂହର ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ବିଦ୍ୟାର୍ଥୀଙ୍କୁ ଆବଶ୍ୟକ କୌଶଳ ଓ ଦକ୍ଷତା ଯୋଗାଇ ସମର୍ଥ କରିବା ଆବଶ୍ୟକ। ଏହା ଦ୍ୱାରା ସେମାନେ କେବଳ ନିଯୁକ୍ତି ଆଶାୟୀ ନ ହୋଇ ନିଯୁକ୍ତି ସୃଷ୍ଟିକାରୀ ହୋଇପାରିବେ।

ମୁଁ ମଧ୍ୟ ଆପଣମାନଙ୍କୁ ଓଡିଶାର ଭୌମକର ବଂଶର ବିଶେଷତ୍ୱ ସମ୍ପର୍କରେ ସ୍ମରଣ କରାଇଦେବାକୁ ଚାହେଁ। ଏହି ରାଜବଂଶର ଅନେକ ମହିଳା ଶାସକ କ୍ରମାଗତ ଭାବେ ନବମରୁ ଦଶମ ଶତାବ୍ଦୀ ଯାଏ ଶାସନ କରିଥିଲେ। ଭୌମକର ରାଣୀମାନେ ପୁରୁଷ ପ୍ରଧାନ ଶାସନ ବ୍ୟବସ୍ଥାକୁ ଭାଙ୍ଗି ପ୍ରାୟ ୨୦୦ବର୍ଷ ଯାଏ ରାଜ୍ୟ ଶାସନ କରିବାରେ ସଫଳ ହୋଇଥିଲେ। ଏହି ଉଜ୍ଜ୍ୱଳ ଉଦାହରଣ ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବିତ ହେବା ଆବଶ୍ୟକ। ମୁଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି ସେମାନେ ଏହି କାହାଣୀ ସବୁ ପଢ଼ନ୍ତୁ ଏବଂ ଲିଙ୍ଗଗତ ପାତର ଅନ୍ତର ବିରୋଧରେ ଲଢ଼ିବାକୁ ଶପଥ ନିଅନ୍ତୁ। ବାସ୍ତବରେ ଜାତିବାଦ, ସାମ୍ପ୍ରଦାୟିକତା, ଦୁର୍ନୀତି ଓ ହିଂସା ବିରୋଧରେ ଲଢ଼େଇ କରିବା ପାଇଁ ଆମ ଯୁବ ସମାଜ ସର୍ବଦା ଆଗରେ ରହିବା ଆବଶ୍ୟକ।

ଓଡିଶାର ଆଉ ଏକ ବିଶେଷତ୍ୱ ହେଉଛି ଏଠାରେ ଆଦିବାସୀମାନେ ଅଧିକ ସଂଖ୍ୟାରେ ବାସ କରନ୍ତି। ଏଠାରେ ୬୨ ପ୍ରକାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକ ଅଛନ୍ତି। ଓଡିଶାର ମୋଟ ଜନସଂଖ୍ୟାର ୨୩ ଶତାଂଶ ଆଦିବାସୀ। ଭାରତର ମୋଟ ଆଦିବାସୀ ଜନସଂଖ୍ୟାର ୯.୧୭ ଶତାଂଶ ଲୋକ ଓଡିଶାରେ ବାସ କରନ୍ତି। ତେଣୁ ଏହି ଆଦିବାସୀ ସମ୍ପ୍ରଦାୟଙ୍କ ବିକାଶ ଓ କଲ୍ୟାଣ ଆମର ପ୍ରାଥମିକତା ହେବା ଉଚିତ।

ଏଠାରେ ମୁଁ ଜୋର୍ ଦେଇ ସହ କହିବାକୁ ଚାହେଁ ଯେ ଆଦିବାସୀଙ୍କ ପ୍ରତି ଆମର ଦୃଷ୍ଟିକୋଣରେ ସମ୍ମାନବୋଧ ଏବଂ ସମ୍ବେଦନଶୀଳତା ରହିବା ଆବଶ୍ୟକ। ଏ କ୍ଷେତ୍ରରେ ପୈତୃକ ଦୃଷ୍ଟିକୋଣ ଠିକ୍ ନୁହେଁ। ସତକଥା ହେଲା ଆଦିବାସୀ ସମ୍ପ୍ରଦାୟଙ୍କ ଠାରୁ ଆମର ଅନେକ କିଛି ଶିଖିବାର ଅଛି। ସେମାନେ ପ୍ରକୃତି ସହ ସଦ୍ଭାବ ଓ ସମନ୍ୱୟ ରଖି ଅତି ସରଳ ଜୀବନଯାପନ କରନ୍ତି।

ତଫସିଲଭୁକ୍ତ ଜାତି ଓ ଉପଜାତି ଗବେଷଣା ଏବଂ ତାଲିମ ପ୍ରତିଷ୍ଠାନ(ଏସ୍‌ସିଏସ୍‌ଟି ଆର୍‌ଟିଆଇ)ର ଏକ ଅଧ୍ୟୟନ ଅନୁସାରେ ଓଡିଶାର ଆଦିବାସୀ ଜନସଂଖ୍ୟା ଉପରେ କୋଭିଡ୍ ମହାମାରୀର ପ୍ରାୟ କୌଣସି ପ୍ରଭାବ ପଡିନାହିଁ। ସେମାନେ ନିଜର ଅନୁପମ ରୀତିନୀତି ଓ ପରମ୍ପରା ପାଳନ କରି ସଂକ୍ରମଣକୁ ଦୂରେଇ ରଖିବାରେ ସଫଳ ହୋଇଛନ୍ତି। ଏହି ଅଧ୍ୟୟନ ଅନୁସାରେ ଆଦିବାସୀମାନେ ଅଭ୍ୟାସତଃ ସଂଘବଦ୍ଧ ବା ଗୋଷ୍ଠୀରେ ନ ଯାଇ ଧାଡିରେ ଯାଆନ୍ତି। ଚାଲିବା ବେଳେ ସେମାନେ ପରସ୍ପର ଠାରୁ ଉପଯୁକ୍ତ ଦୂରତ୍ୱ ରକ୍ଷା କରନ୍ତି। ଏଭଳି ନିରାପଦ ଦୂରତ୍ୱ ରକ୍ଷା ଓ ସ୍ୱାସ୍ଥ୍ୟଗତ ନୀତି ପାଳନ କରିବା ଆଦିବାସୀ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ଛଡା ସେମାନେ ପ୍ରାକୃତିକ ଖାଦ୍ୟ ଖାଇଥାଆନ୍ତି। ଏହା ଫଳରେ ମହାମାରୀ ସମୟରେ ସେମାନେ ନିରାପଦ ରହିଛନ୍ତି।

ବିଶ୍ୱବିଦ୍ୟାଳୟ ଗୁଡିକ ଆଦିବାସୀ ସମୁଦାୟଙ୍କ ଏଭଳି ସକାରାତ୍ମକ ଦିଗ ସମ୍ପର୍କରେ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଁ ପ୍ରସ୍ତାବ ଦେଉଛି। ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଏକଥା ସ୍ଥାନ ପାଇବା ଆବଶ୍ୟକ। ମୁଁ ଚାହେଁ ଉତ୍କଳ ବିଶ୍ୱବିଦ୍ୟାଳୟ ଭଳି ଅନୁଷ୍ଠାନ ଆଦିବାସୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାବଳୀ ଉପରେ ଗବେଷଣା କରି ଏହି ସମୁଦାୟର ବିକାଶ ପାଇଁ ନୀତି ନିର୍ଦ୍ଧାରଣରେ ସହଯୋଗ କରିବା ଉଚିତ।

ଓଡିଶା ଭଳି ରାଜ୍ୟ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିପର୍ଯ୍ୟୟ ପରିଚାଳନା। ଏହି ରାଜ୍ୟ ନିୟମିତ ଭାବେ ବନ୍ୟା, ବାତ୍ୟା ଓ ମରୁଡି ଭଳି ପ୍ରାକୃତିକ ବିପତ୍ତି ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ତେଣୁ ଆମ ଶିକ୍ଷାର ଆରମ୍ଭ କାଳରୁ ବିପର୍ଯ୍ୟୟ ପରିଚାଳନାକୁ ଏକ ଅବିଚ୍ଛେଦ୍ୟ ଅଂଶ କରିବାର ବିଶେଷ ଆବଶ୍ୟକତା ରହିଛି। ଏହା ଦ୍ୱାରା ଭବିଷ୍ୟତରେ ବିପର୍ଯ୍ୟୟ ମୁକାବିଲା କରିବାକୁ ଆମେ ଭଲଭାବେ ପ୍ରସ୍ତୁତ ହୋଇପାରିବା। ମୋର ଆଶା ଉତ୍କଳ ବିଶ୍ୱବିଦ୍ୟାଳୟ ଏ ଦିଗରେ ନେତୃତ୍ୱ ନେବ।

(ସପ୍ତମ ପୃଷ୍ଠା ଦେଖନ୍ତୁ)




## ସମ୍ପାଦକୀୟ

### ଉପରମୁହାଁ କରୋନା ସଂକ୍ରମଣ

ଏବେ ଆରମ୍ଭ ହୋଇଯାଇଛି କରୋନା ସଂକ୍ରମଣ ଦ୍ୱିତୀୟ ଲହର। ସାରା ଦେଶରେ ସଂକ୍ରମଣର ଗ୍ରାଫ୍ ରେକର୍ଡ଼ ସଂଖ୍ୟକ ବଢ଼ିବାରେ ଲାଗିଥିବା ବେଳେ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଅନ୍ୟପଟେ କୋଭିଡ ଟୀକାକରଣ ମଧ୍ୟ ପୂରା ଦମ୍‌ରେ ସାରା ଦେଶରେ ଜାରି ରହିଛି। କୋଭିଡକୁ ମାନବ ସମାଜରୁ ହଟାଇବା ପାଇଁ ସମସ୍ତ ଦିଗରୁ ଜୋର୍‌ସୋର୍ ଚେଷ୍ଟା ଚାଲିଛି। କରୋନା ସଂକ୍ରମଣ ସ୍ଥିତିକୁ ନଜର୍ ରଖି କେତେକ ରାଜ୍ୟରେ ପୁଣି କର୍ଫ୍ୟୁ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାରେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଟି ଜିଲ୍ଲାରେ ନାଇଟ୍ କର୍ଫ୍ୟୁ ଆରମ୍ଭ କରାଯାଇଛି।

କେବଳ ସରକାରଙ୍କ ପାଇଁ ନୁହେଁ, ସାରା ଜନସମୁଦାୟଙ୍କ ପାଇଁ ଏକ ବିରାଟ ଚ୍ୟାଲେଂଜ ସାମ୍ନାରେ ଦଣ୍ଡାୟମାନ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘ ୧ ବର୍ଷରୁ ଅଧିକ ସମୟ ହେଲା କରୋନା ସହ ଲଢୁଛି ବିଶ୍ୱ। ଏହି ପରିପ୍ରେକ୍ଷୀରେ ଭାରତ ମଧ୍ୟ ପଛରେ ନାହିଁ। ଓଡ଼ିଶାର ସ୍ଥିତି ମଧ୍ୟ ତଦ୍ରୂପ। ଏହି କରୋନା ସହ ଲଢ଼େଇ କରିବା ଭିତରେ ମଣିଷ ସମାଜକୁ ଅନେକ ପ୍ରକାରର କ୍ଷତି ସହିବାକୁ ପଡ଼ିଛି। ପିଲାଙ୍କ ପାଠ ପଢ଼ାରେ ନାହିଁ ନଥିବା କ୍ଷତି ହୋଇଥିବା ବେଳେ ବାଣିଜ୍ୟ ବ୍ୟବସାୟକରେ ମଧ୍ୟ ବିଶେଷ କ୍ଷତିର ସମ୍ମୁଖୀନ ହେବାକୁ ପଡ଼ିଛି। ପୁଣି ଅନେକ ନିରୀହ ଜୀବନ ମଧ୍ୟ ଏହି ମାରାତ୍ମକ ମହାମାରୀର ନିଷ୍ଠୁର ପନ୍ଝା ସାଉଁଟି ନେଇଛି। ତେବେ କିଛି ଦିନ ହେଲା ସଂକ୍ରମଣର ଗ୍ରାଫ୍ ତଳକୁ ଖସିଥିବା ବେଳେ ଲୋକେ ଆଶ୍ୱସ୍ତ ହେବାରେ ଲାଗିଥିଲେ। କିନ୍ତୁ ଏହାର ଦ୍ୱିତୀୟ ଲହର ଜନସାଧାରଣଙ୍କ ନିଦ ହଜେଇବା ଆରମ୍ଭ କରିଦେଲାଣି। ପୁଣି କଟକଣା ବଳବତ୍ତର କରିବା ଦିଗରେ ସରକାର ଯେତିକି ଅଣ୍ଟା ଭିଡୁଛନ୍ତି, ସେତିକି ଜନ ସମୁଦାୟ ଅବାକ୍ ହେବାରେ ଲାଗିଛନ୍ତି। ତଥାପି ଯଦି କଟକଣା ନ ରହିବ, ତେବେ କରୋନା ପୁଣି ତାଣ୍ଡବ ରଚିପାରେ ଏହାକୁ ବି ଅବଶ୍ୟ ଜନସାଧାରଣ ଅନୁଭବ କରୁଛନ୍ତି।

ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଜନସାଧାରଣଙ୍କ ଉପରେ ଯେଭଳି ବୋଝ ନହେବ, ତାହା ଚିନ୍ତା କରିବା ସମୟ ଆସିଛି। ଲୋକଙ୍କ ଅର୍ଥନୈତିକ ସ୍ଥିତି, ପିଲାଙ୍କ ପାଠପଢ଼ା ପ୍ରତି ବେଶ୍ ଦୃଷ୍ଟି ଦିଆଯିବା ଏକାନ୍ତ ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି। କିନ୍ତୁ ଅନ୍ୟ ପକ୍ଷରେ କରୋନା ସଂକ୍ରମଣକୁ ରୋକିବା ମଧ୍ୟ ଏକାନ୍ତ ବାଂଛନୀୟ ହୋଇପଡ଼ିଛି। କରୋନା କଟକଣା ଯେଭଳି ମାସ୍କ ବ୍ୟବହାର କରିବା, ସାନିଟାଇଜର୍ ବ୍ୟବହାର ତଥା ସାମାଜିକ ଦୂରତା ରକ୍ଷା କରିବା ଦିଗରେ ଜନସାଧାରଣ ଯତ୍ନବାନ ହେବା ନିହାତି ଆବଶ୍ୟକ ହୋଇପଡ଼ିଛି। ସରକାରଙ୍କ ପକ୍ଷରୁ ଏସବୁ ଦିଗରେ ବିଶେଷ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ହୋଇପଡ଼ିଛି।

## କେବେ ସୁଧୁରିବ ପରିମଳ ବ୍ୟବସ୍ଥା : ଡ୍ରେନରେ କୁଢ କୁଢ ଆବର୍ଜନା



ସଇଁନ୍ତଲା, (ନିପ୍ର) : ବଲାଙ୍ଗିର ଜିଲ୍ଲା ସଇଁନ୍ତଲା ସହର ଜନଗହଳି ପୂର୍ଣ୍ଣ ସହର ଭାବରେ ପରିଚିତ ଥିବା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ଲୋକଙ୍କ ପାଇଁ ଏହି ସହର ଭରସା ପାଲଟିଛି । ତେବେ ଏଠାରେ ଜନସଂଖ୍ୟା ୭୦ ହଜାରରୁ ଅଧିକ । କିନ୍ତୁ ଦୁଃଖର ବିଷୟ, ପ୍ରତ୍ୟେକ ଦିନ ଲୋକେ ବ୍ଲକକୁ ଆସୁଥିବା ବେଳେ ରାଜରାସ୍ତା ଗୁଡିକ ଆବର୍ଜନାମୟ ହୋଇ ପଡ଼ି ରହିଥାଏ । ତେବେ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ସ୍ୱଚ୍ଛତା ପାଇଁ ଖର୍ଚ୍ଚ ହେଉଥିବା ବେଳେ ଏଠାରେ ସ୍ୱଚ୍ଛତା ବାଟବଣା ହେଉଥିବା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ବର୍ତ୍ତମାନ ସହରର ଡ୍ରେନ ଗୁଡିକରେ କୁଢ କୁଢ ଆର୍ବଜନା ଜମା ହୋଇ ରହୁଥିବାରୁ ଲୋକେ ବିଭିନ୍ନ ରୋଗର ଶିକାର ହେବାର ଆଶଙ୍କା ମଧ ଦେଖାଦେଇଛି । ଅନେକ ଡ୍ରେନ ଗୁଡିକରେ ଢାଙ୍କୁଣି ନଥିବା ବେଳେ ଦୁର୍ଗନ୍ଧରେ ନାକ ଫାଟୁଛି । ତେବେ ପ୍ରଶାସନ ପକ୍ଷରୁ ଡ୍ରେନ ସଫା ସୁତୁରା କରିବା ପାଇଁ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଉଛି, ହେଲେ କାଗଜ କଲମରେ ଚାଲିଥିବା ଅଭିଯୋଗ ହେଉଛି । ସବୁଠାରୁ ବଡ଼ କଥା ହେଲା, ଏହି ସହରରେ ବହୁ ପ୍ରଶାସିନକ ଅଧିକାରୀ ବସବାସ କରନ୍ତି, କିନ୍ତୁ କାହାର ମୁହଁରେ ଏ ସଂପର୍କରେ କଥା ପଦୁଟିଏ ମଧ ବାହାରି ପାରୁନାହିଁ । ସଇଁନ୍ତଲାର କଅଁସରପଡା, ଶଙ୍କରଚୋକ ପଡା, ଗୋପବନ୍ଧୁପଡା ଭଳି ଅନେକ ପଡାରେ ଡ୍ରେନ ଗୁଡିକରେ ଭରପୂର ଆବର୍ଜନା ରହିଛି । କିନ୍ତୁ ପ୍ରଶାସନ ପକ୍ଷରୁ ସଫା କରାଯାଉ ନଥିବା ଦେଖିବାକୁ ମିଳିଛି । ତେବେ ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସ୍ୱଚ୍ଛତା ଦିଗରେ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

## ଉଚ୍ଚ ଶିକ୍ଷା ସଙ୍ଗେ ଏକତା ହେଲେ ହିଁ ସମାଜ ଆଗକୁ ବଢ଼ିପାରିବ : ବିଧାୟକ

### ଭଗତପୁରରେ ବିଂଝାଲ ସମାଜ ବାର୍ଷିକ ସଭା




ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ପାଇକମାଳ ବ୍ଲକ ଅନ୍ତର୍ଗତ ଭଗତପୁର ଗ୍ରାମ ଭୋସାଗର ଆମ୍ବ ତୋଟା ଠାରେ ସର୍ବ ଭାରତୀୟ ବିଂଝାଲ ସମାଜର ବାର୍ଷିକ ମହାସଭା ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ସମାଜର ଇଷ୍ଟ ଦେବୀ ମା' ବିନ୍ଧ୍ୟବାସିନୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସର୍ବଭାରତୀୟ ବିଂଝାଲ ସମାଜ ପାଇକମାଳ ବ୍ଲକ ସଭାପତି ପ୍ରେମାନନ୍ଦ ବରିହା ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟ ଅତିଥି, ଲାଟ୍‌ସଭାପତି ହୃଷିକେଶ ବରିହା, ବଲାଙ୍ଗିର ଜିଲ୍ଲା ସଭାପତି ଚନ୍ଦ୍ରଶେଖର ବାଗ, ଶିକ୍ଷାବିତ ତଥା ସହଲାଟ ସଭାପତି ଶଙ୍କର ପ୍ରସାଦ ମାଝୀ ମୁଖ୍ୟ ବକ୍ତା, ପୂର୍ବତନ କମିସନର ପ୍ରମୋଦ ଝାଙ୍କର, ଛତିଶଗଡ଼ ପ୍ରିନ୍ସପାଲ କଲ୍ୟାଣୀ ସିଂ ବରିହା, ଛତିଶଗଡ଼ ସଭାପତି ବେଦବର ବରିହା, ସୋହେଲା ବ୍ଲକ ଅଧକ୍ଷ ଜୀବର୍ଦ୍ଧନ ବରିହା, ପୂର୍ବତନ ବ୍ୟାଙ୍କ ମ୍ୟାନେଜର କ୍ଷିରୋଦ୍ର ବରିହା, ଫରେଷ୍ଟର ଅଶ୍ୱିନୀ ଭୋଇ, ଶିକ୍ଷକ ମନବୋଧ ବରିହା, ଫଗୁଲାଲ ବରିହା, ଦାରା ସିଂ ବରିହା, ଝାରବନ୍ଧ ବ୍ଲକ ଅଧକ୍ଷା ଜୟନ୍ତୀ ବରିହା, ସାଧାରଣ ସଂପାଦକ ଆଶାରାମ ବରିହା, ସଂଗଠକ ସଂପାଦକ ରାଧେଶ୍ୟାମ ବରିହା, ପୂର୍ବତନ ବିଜ୍ଞାପିତ ପରିଷଦ ପଦ୍ମପୁର ସିଦ୍ଧାର୍ଥ ସିଂ ବରିହା, ପାଇକମାଳ ବ୍ଲକ ସମିତି ସଭ୍ୟା କୁମାରୀ ବରିହା, ପ୍ରିନ୍ସପାଲ ଉପେନ୍ଦ୍ର ବରିହା, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜର ସାମାଜିକ ଉନ୍ନତି ସଂଗଠନ ସୁଦୃଢ ନାରୀ ଶିକ୍ଷା କ୍ଷେତ୍ରରେ ସମାଜର ପୁଅ ଝିଅ ମାନଙ୍କୁ ବାଧତା ଭାବରେ ପଢ଼ାଇବା, ବିଂଝାଲ ଭାଷା ସୁରକ୍ଷା, ସାମାଜିକ ସମସ୍ୟା, ଶିକ୍ଷା, ରାଜନୈତିକ, ଅର୍ଥନୈତିକ ଆଦି ବିଷୟରେ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା ।

ମୁଖ୍ୟ ଅତିଥି ବିଜୟ ରଞ୍ଜନ ସିଂ ବରିହା ସମାଜରେ ଆମେ ଏକତା ହେଲେ ହିଁ ସମାଜ ଆଗକୁ ବଢ଼ି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଜୋନ୍ ନଂ ୧ ସଭାପତି ବିଲାଧର ଭୋଏ, ଜୋନ୍ ନଂ ୨ ସଭାପତି ଘନଶ୍ୟାମ ବରିହା, ଜୋନ୍ ନଂ ୩ ସଭାପତି ମୋତି ରାମ ବାଲମ, ଜୋନ୍ ନଂ ୧ ସଂପାଦକ ବେଦବର ବରିହା, ଜୋନ୍ ନଂ ୨ ସଂପାଦକ ନନ୍ଦଲାଲ ବରିହା, ଜୋନ୍ ନଂ ୩ ସଂପାଦକ ପୂର୍ଣ୍ଣମୀ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାୟ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ । ଆଶାରାମ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୁଣିଗାରେଡି ସନ୍ଦେହରୁ ଗଣ୍ଡଗୋଳ : ପୀଡିତଙ୍କୁ ବିଷ୍ଠା ଖୁଆଇ ୪ ଜଣ ଗିରଫ



ତୁଷୁରା, (ନିପ୍ର) ; ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ ତୁଷୁରା ଥାନା ଶିରାବାହାଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ବେଳେ ଏ ସଂପର୍କରେ ଅଂଚଳରେ ଚର୍ଚ୍ଚା ଜୋର୍ ଧରିଛି । ଗୁଣିଗାରେଡି ସନ୍ଦେହରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ପରେ ପୀଡିତଙ୍କୁ ବିଷ୍ଠା ଖୁଆଇବା ସହ ମାରପିଟ କରିଥିବା ନେଇ ଥାନାରେ ପହଂଚିଚି ଅଭିଯୋଗ । ଅଭିଯୋଗ ପରେ ୪ ଜଣଙ୍କୁ ଗିରଫ କରିବା ସହ ଉଭୟ ପକ୍ଷଙ୍କ ୨୬ରୁ ଅଧିକ ଜଣଙ୍କ ନାଁରେ ମାମଲା ରୁଜୁ କରାଯାଇଥିବା ବେଳେ ଘଟଣା ସମ୍ପର୍କରେ ପୁଲିସ ଅଧିକ ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ ଯେ, ଶିରାବାହାଲ ଗ୍ରାମର ଶୁକ୍ରୁ ନାଗ ଗୁଣିଗାରେଡି କରୁଥିବା ନେଇ ଗାଁର ବିରଚିଂ ଛତ୍ରିଆ ସନ୍ଦେହ କରି ଆସୁଥିଲେ । ଏନେଇ ଗତ କିଛି ଦିନ ହେଲା ଉଭୟ ପରିବାର ଲୋକଙ୍କ ମଧ୍ୟରେ କଳହ ଲାଗି ରହିଥିବା ଜଣାପଡିଛି । ତେବେ ଗୁଣିଗାରେଡିକୁ ନେଇ ଗତକାଲି ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ତେବେ ଘଟଣା ସ୍ଥଳରେ ବିରଂଚି ଛତ୍ରିଆ ଶୁକ୍ରୁଙ୍କ ମୁହଁରେ ବିଷ୍ଠା ଲଗାଇ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିବା ସୂଚନାରୁ ଜଣାପଡ଼ିଛି ।

## ଶିଶୁ ଚିତ୍ରଶିଳ୍ପୀ ଲଳିତ ନାରାୟଣ ସ୍ୱାଇଁ ସମ୍ବର୍ଦ୍ଧିତ

କଟକ, (ନିପ୍ର) : ୱେବ ଚେନାଲ ଉତ୍କଳ ନ୍ୟୁଜର ପ୍ରଥମ ସ୍ୱନକ୍ଷତ୍ର ଦିବସ - ୨୦୨୧ ଚୌଦ୍ୱାର ଗାନ୍ଧୀଛକ ପୌର ଟାଉନହଲ ଠାରେ ଅନୁଷ୍ଠିତ ହୋଇ ବିଭିନ୍ନ ପ୍ରତିଭାଙ୍କ ସହ ଚିତ୍ରକଳା ତଥା ଶିକ୍ଷା ଦିଗରେ ଅନନ୍ୟ କୃତିତ୍ୱର ସ୍ୱୀକୃତି ସ୍ୱରୂପ କଟକ ସଦର କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚତୁର୍ଥ ଶ୍ରେଣୀର କୃତିଛାତ୍ର ଲଳିତ ନାରାୟଣ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସୂଚନାଯୋଗ୍ୟ, ଲଳିତ ବିଭିନ୍ନ ସଂଗଠନ ପକ୍ଷରୁ ପୁରସ୍କୃତ ହୋଇ ଜନ୍ମମାଟି ଫକୀରପଡା, କନ୍ଦରପୁର ଅଂଚଳ ପାଇଁ ଗୌରବ ଆଣିବା ସହ ବୁଦ୍ଧିଜୀବୀ ମହଲ ତଥା ବିଭିନ୍ନ ସଂଗଠନ ଯଥା ସରସ୍ୱତୀ କଳା ପରିଷଦ-କନ୍ଦରପୁର, ବିଷ୍ଣୁପ୍ରିୟା ଚାରିଟେବୁଲ ଟ୍ରଷ୍ଟ-ଓଡ଼ିଶା(ବିସିଟି), ଉତ୍କଳ ବିକାଶ ପରିଷଦ-କଟକ ସଦର, ସ୍ୱର୍ଗତ ବସନ୍ତ ଜେନା ସ୍ମୃତି ସଂସଦ-ଦାମୋଦରପୁର, ମୁହାଁଣ ସାହିତ୍ୟ ସଂସଦ-ମୁମ୍ବାଇ, ନେତାଜୀ ସୁବାଷ ସ୍ମୃତି ପରିଷଦ-ବୟାଳିଶମୌଜା, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ଓ ଆନନ୍ଦ ନୃସିଂହ ସ୍ମୃତି ପୂଜ୍ୟପୂଜା ସଂସଦ-ବୟାଳିଶମୌଜା ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । ଲଳିତ ଯୁବସାମ୍ବାଦିକ ବିଭୁ ପ୍ରସାଦ ସ୍ୱାଇଁ ଓ ସୁଗୃହିଣୀ ଇତିଶ୍ରୀ ମହାପାତ୍ରଙ୍କ ସୁପୁତ୍ର ଅଟନ୍ତି । ଏହି ଉତ୍ସବରେ ମାନ୍ୟବର ଖାଦ୍ୟ ଯୋଗାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଚେନାଲ ମୁଖ୍ୟ ସୁନିତା ମହାପତ୍ର, ସମ୍ପାଦକ ବିଜୟ ଚନ୍ଦ୍ର ମହାନ୍ତି ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତରହି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ମାସେ ତଳୁ ନିଖୋଜ ଯୁବକଙ୍କ ଗଳିତ ଶବ ଉଦ୍ଧାର ହେଲା ମହାନଦୀ ବାଲି ଭିତରୁ



ବୌଦ୍ଧ, (ନିପ୍ର) : ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ତାଳସରଡା ଗ୍ରାମ ପଂଚାୟତ କଙ୍କଲା ଗ୍ରାମରୁ ୧ ମାସରୁ ଅଧିକ ଦିନ ତଳେ ନିଖୋଜ ଥିବା ଗ୍ରାମର ବିମ୍ବାଧର ମହାକୁଡ (୩୦)ଙ୍କ ଶବ ଆଜି ଡମ୍ବରୁଗଡ ଶ୍ମଶାନ ଘାଟ ମହାନଦୀ ବାଲିରୁ ବାଉଁଶୁଣୀ ପୋଲିସ୍ ଉଦ୍ଧାର କରିଛି । ମିଳିଥିବା ସୂଚନା ଅନୁଯାୟୀ ମାସେ ତଳେ କଙ୍କଲା ଗ୍ରାମର ବିମ୍ବାଧର ମହାକୁଡ ନିଖୋଜ ହୋଇଥିବା ତାଙ୍କ ବଡ଼ ଭାଇ ବିମଳ ମହାକୁଡ ଓ ପ୍ରତ୍ୟକ୍ଷଦର୍ଶୀ ସତ୍ୟବାନ୍ ମହାକୁଡ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବାଉଁଶୁଣୀ ପୋଲିସ ଅଭିଯୋଗକୁ ପଂଜିକୃତ କରି ଚୁପ୍ ବସି ରହିଥିଲା । ଯେଉଁ ମାନଙ୍କ ସହିତ ନିଖୋଜ ଦିନ ବିମ୍ବାଧର ମହାକୁଡ ଥିଲେ ସେ ସମ୍ପର୍କରେ ସୁଚନା ଦେଇଥିଲେ ମଧ ମାମଲା ଉପରେ ପୋଲିସ କୌଣସି ଗୁରୁତ୍ୱ ଦେଇନଥିଲା । ଉଚ୍ଚ କର୍ତ୍ତୃପକ୍ଷ ଓ ପରିବାର ଲୋକ ବାଉଁଶୁଣୀ ପୋଲିସ ଉପରେ ଚାପ ପକାଇବା ପରେ ମାସେ ପରେ ଗତକାଲି ଅଭିଯୋଗ କାରୀଙ୍କ ସୂଚନା ଆଧାରରେ କଙ୍କଲା ଗ୍ରାମର କାର୍ତ୍ତିକ ନାଏକ ଓ ପାଣ୍ଡବ ମହାକୁଡଙ୍କୁ ଆଣି ଅଟକ ରଖି ପଚରା ଉଚୁରା କରିଥିଲା । ସେମାନଙ୍କ ଠାରୁ ଜେରା ବେଳେ ମିଳିଥିବା ତଥ୍ୟ ଓ ସେମାନଙ୍କ ଚିହ୍ନଟ ଅନୁଯାୟୀ ନିରୁଦ୍ଦିଷ୍ଟ ସ୍ଥାନରେ ନଦୀ ବାଲି ଖୋଳାଯିବା ପରେ ବିମ୍ବାଧରର ଗଳିତ ଶବ ମିଳିଥିବା ସୂଚନା ମିଳିଛି । ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଡାକ୍ତରଖାନା ଆଣିଥିବା ବେଳେ ଉଭୟଙ୍କୁ ଅଟକ ରଖିଛି । ବିଦ୍ୟୁତ୍ ତାର ଟାଣି ବାରହା ଶିକାର କରୁଥିବା ବେଳେ ଅସାବଧାନତା ବଶତଃ ଅନ୍ଧାରରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବିମ୍ବାଧର ମୃତ୍ୟୁ ବରଣ କରିଥିବା ପୋଲିସକୁ ପ୍ରାରମ୍ଭିକ ତଦନ୍ତରୁ ସୂଚନା ମିଳିଛି । ଘଟଣାକୁ ଲୋକଲୋଚନକୁ ନ ଆଣିବା ପାଇଁ ଉଭୟେ ମିଶି ମହାନଦୀ ବାଲିରେ ପୋତି ଦେଇଥିବା ପୋଲିସ ଆଗରେ କହିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

## ପିପିଲି ଉପ-ନିର୍ବାଚନ ପାଇଁ ୧୦ ଜଣ ପ୍ରାର୍ଥୀ




ଭୁବନେଶ୍ୱର, (ସ୍ୱପ୍ର) : ୧୧୦- ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଅନଷ୍ଠିତ ହେବାକୁ ଥିବା ଉପ-ନିର୍ବାଚନ ନିମନ୍ତେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବେ । ଗତ ତା.୩୦.୦୩.୨୦୨୧ରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିବସ ସୁଦ୍ଧା ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ମୋଟରେ ୧୫ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ । ତା. ୩୧.୦୩.୨୦୨୧ରିଖ ପ୍ରାର୍ଥୀ ପତ୍ର ଯାଂଚ ବେଳେ ବିଭିନ୍ନ କାରଣରୁ ୩ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ୍ ହୋଇଥିବା ବେଳେ ତା.୦୩.୦୪. ୨୦୨୧ରିଖ ପ୍ରାର୍ଥୀ ପତ୍ର ପ୍ରତହାର ଦିବସରେ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି । ନିର୍ବାଚନ ମଇଦାନରେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ମୋଟରେ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ ।

ଭାରତୀୟ ଜନତା ପାର୍ଟିର ଆଶ୍ରିତ ପଟ୍ଟନାୟକ, ସିପିଆଇ(ଏମ୍ଏଲ୍)ର ଅଶୋକ ପ୍ରଧାନ, ବିଜୁ ଜନତା ଦଳର ରୁଦ୍ରପ୍ରତାପ ମହାରଥୀ, ରିପବ୍ଲିକାନ୍ ପାର୍ଟି ଅଫ୍ ଇଣ୍ଡିଆର ମହମ୍ମଦ ଇମାଉଦ୍ଦିନ, ଅଖିଳ ଭାରତ ହିନ୍ଦୁ ମହାସଭାର ଜୟ ପ୍ରକାଶ ସେଠୀ, ଭାରତୀୟ ଜାତୀୟ କଂଗ୍ରେସର ଅଜିତ ମଙ୍ଗରାଜ, ସ୍ୱାଧୀନ ପ୍ରାର୍ଥୀ ନଗେନ୍ଦ୍ର ନାଥ ମିଶ୍ର, ସ୍ୱାଧୀନ ପ୍ରାର୍ଥୀ ସ୍ୱପ୍ନେଶ୍ୱର ନାୟକ, ସ୍ୱାଧୀନ ପ୍ରାର୍ଥୀ ସୁଲୋଚନା ସାହୁ ଓ କଳିଙ୍ଗ ସେନାର ପିଙ୍କଲିନ୍ ମହାନ୍ତି ଆସନ୍ତା ୧୭ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ବଲାଙ୍ଗିର ଜିଲା କମ୍ପ୍ୟୁଟର ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ





ବଲାଙ୍ଗିର, (ନିପ୍ର) : ଭର୍‌ଚୁଆଲ ମୋଡ଼ରେ ବଲାଙ୍ଗିର ଜିଲା ଅଧୀନ ୧୪ ଟି ବ୍ଲକର ୫୦ ଜଣ କମ୍ପ୍ୟୁଟର ଶିକ୍ଷକଙ୍କୁ ନେଇ ସଙ୍ଘର କର୍ମକର୍ତ୍ତା ମନୋନୟନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ଜ୍ୟୋତିର୍ମୟ ମିଶ୍ର ମନୋନୀତ ହୋଇଥିବା ବେଳେ ସମ୍ପାଦକ ଭାବେ କ୍ଷେତ୍ରମୋହନ ମିଶ୍ର, ଉପ ସଭାପତି ଭାବେ ଉଦୟ ରଂଜନ ରାଉତ ଓ ଲୀଳାମ୍ବର ମେହେର, ସହ ସମ୍ପାଦକ ଭାବେ ଭାଗବତ ଦନ୍ତା ଓ ହୃଦାନନ୍ଦ ହାତୀ, କୋଷାଧ୍ୟକ୍ଷ ଭାବେ ମୃତ୍ୟୁଞ୍ଜୟ ମିଶ୍ର ଓ ସହ କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ପାତ୍ର ମନୋନୀତ ହୋଇଥିଲେ । ଏହି ଭର୍‌ଚୁଆଲ ବୈଠକରେ କନକରାଜ ବନ୍‌ଛୋର, ବାଲମକୁନ୍ଦ ସାହୁ, ସୋନାଲି ବିଶ୍ୱାଳ, ସୁନିତା ପଟେଲ, ନିରୂପମା ସାହୁ, ପ୍ରଶାନ୍ତ ନାଏକ, ମାନସ ପାତ୍ର, ପରିଲିତା ପଧାନ, ରଂଜିତା ବେହେରା, ତୁଳସୀ ପଟେଲ, ଉମାକାନ୍ତ ଜାଲ, ଶଶୀଭୂଷଣ କୁଅଁର, ଲକ୍ଷ୍ମୀପ୍ରିୟା ଡାଙ୍ଗ, କୁମର ସିଂ, ପିଙ୍କୁ ବିଶି, ଆଲୋକ ବେହେରା, ବିନୋଦ ଦୀପ, ଧନୁର୍ଦ୍ଧର ସୁନା, ମୋତିରାମ ଦଣ୍ଡସେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପରିଶେଷରେ ମାନସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିର ସଦର ବ୍ଲକ କୁଡାସିଂହା ଗ୍ରାମକୁ 'ଡାକ ପଂଚ ତାରକା ଗ୍ରାମ' ଘୋଷଣା




ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ସଦର ବ୍ଲକ କୁଡାସିଂହା ଗ୍ରାମକୁ ବଲାଙ୍ଗିର ଡାକ ଅଧୀକ୍ଷକଙ୍କ ଉପସ୍ଥିତିରେ 'ଡାକ ପଂଚ ତାରକା ଗ୍ରାମ' ଭାବେ ଘୋଷଣା କରାଯାଇଛି । ସ୍ଥାନୀୟ ସରପଂଚ କପିଳ ନନ୍ଦ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏଭଳି ଉତ୍କୃଷ୍ଟ ସେବା ଯୋଗାଇ ଆସୁଥିବାରୁ ସ୍ଥାନୀୟ ଡାକ କର୍ମଚାରୀଙ୍କୁ ସାଧୁବାଦ ଜଣାଇଥିଲେ । ଗ୍ରାମର ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ରହି ପ୍ରାରମ୍ଭରେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ସାହୁ ଏବଂ ଶିକ୍ଷକ ବିଜୟ କୁମାର ସାହୁ ମଧ୍ୟ ଉତ୍ତମ ଡାକ ସେବାର କିଭଳି ଲାଭ ପାଉଛନ୍ତି, କହିଥିଲେ ।

ଡାକ ଅଧିକ୍ଷକ ସର୍ବେଶ୍ୱର ବଳିଆର ସିଂଙ୍କ ସହ ସହ-ଅଧୀକ୍ଷକ ଭରତ ଜାଲି, ସହାୟକ ପ୍ରଶାନ୍ତ ଜାଲ ପ୍ରମୁଖ ଅତିଥି ଭାବେ ସଭାରେ ମଂଚାସୀନ ଥିଲେ । ସୁକନ୍ୟା ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ, ଡାକ ବୀମା ଯୋଜନା, ସଂଚୟ ଖାତା ଭଳି ସମସ୍ତ ଯୋଜନାରେ ବିଭାଗ ତରଫରୁ ଦିଆଯାଇଥିବା ଲକ୍ଷ୍ୟ ପୁରଣ ସହ ଅନ୍ୟାନ୍ୟ ଡାକ ସେବା ମଧ୍ୟ ଉତ୍ତମ ଭାବେ ତୁଲାଇ ଆସୁଥିବାରୁ କୁଡାସିଂହା ଶାଖା ଡାକଘର ପୋଷ୍ଟ ମାଷ୍ଟର ହରେକୃଷ୍ଣ ସାହୁଙ୍କୁ ଉପଢ଼ୌକନ ସହ ମାନପତ୍ର ଦେଇ ଅଧୀକ୍ଷକ ସମ୍ମାନିତ କରିଥିଲେ । ସ୍ଥାନୀୟ ବୁଦ୍ଧିଜୀବୀ ଏହି ଉତ୍ସବରେ ଏକତ୍ରୀତ ହୋଇଥିଲେ ।

# ଘେଁସରେ ସାହିତ୍ୟର ମହାକୁମ୍ଭ 'ମେଲନ୍ ମେସନ୍' ଉଦ୍‌ଯାପିତ : କବି ଅଭିମନ୍ୟୁ ଦେବତାଙ୍କ ପ୍ରତିମୂର୍ତ୍ତି ଉନ୍‌ମୋଚିତ



ପଦ୍ମପୁର, (ନିପ୍ର) : ସମ୍ବଲପୁରୀ /କୋଶଲୀ ଭାଷା ଏକ ଗମ୍ଭୀରତାର ସମୟରେ ଉପନୀତ ହୋଇଥିବା ବେଳେ ଏହାର ଅସଲ ବିକାଶ ନିମନ୍ତେ ସାରସ୍ୱତ ସାଧକମାନେ ଅଙ୍ଗିକାରବଦ୍ଧ ହେବା ଉଚିତ୍ । କବି, ଲେଖକ ତଥା ସଂଗଠକମାନଙ୍କ ସଚେତନା ମାନସିକତା ହିଁ ଭାଷା ସାହିତ୍ୟରେ ପରିବର୍ତନ ଆଣିବ ବୋଲି ଘେଁସ ଅଭିମନ୍ୟୁ ସାହିତ୍ୟ ସଂସଦର ମେଲନ୍ ମେସନ୍ ଉତ୍ସବର ମୁଖ୍ୟ ଅତିଥି ଶ୍ରମ ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ମତବ୍ୟକ୍ତ କରିଥିଲେ । ସାହିତ୍ୟ ସଂସଦ ସଭାପତି ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବରେ ପଦ୍ମଶ୍ରୀ ହଲଧର ନାଗ ଏବଂ ମୁଖ୍ୟବକ୍ତା ଭାବରେ କବି ରାମକୃଷ୍ଣ ସାହୁ ଯୋଗଦାନ କରି କବି, ଲେଖକ ଦାୟିତ୍ୱବୋଧ ଶୀର୍ଷକରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସଂସଦର ବରିଷ୍ଠ ସଦସ୍ୟ ଅଶୋକ କୁମାର ପୂଜାହାରୀ ପରିଚୟ ପ୍ରଦାନ ଏବଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଭାଷା, ସାହିତ୍ୟର ପୃଷ୍ଟପୋଷକତା ପାଇଁ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ ପୂର୍ବକ ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ପ୍ରଦାନ କରିଥିଲେ । ଏହି ଅବସରରେ ସଂସଂଦର ମୁଖପତ୍ର 'ବଉଲ' ପତ୍ରିକା ଡ. ସୁବାଷ ମେହେରଙ୍କ ପ୍ରବନ୍ଧ ସଂଙ୍କଳନ 'ଆମର ସାହିତ୍ୟର ବିକାଶ ଧାରା' ଉନ୍‌ମୋଚିତ ହୋଇଥିଲା । ୨୦୨୦ ବର୍ଷ ପାଇଁ ସାହିତ୍ୟିକ ଗୋବିନ୍ଦ ବିଶିଙ୍କୁ ଅଭିମନ୍ୟୁ ସମ୍ମାନ, ମିନୁ ହୋତାଙ୍କୁ ଆଲୋଚନା, ସତ୍ୟ ରଞ୍ଜନ ବେହେରାଙ୍କୁ ନାଟକ, ଲକ୍ଷ୍ମଣ ସୁନାଙ୍କୁ କବିତା ଓ ପଦ୍ମିନୀ ଦାଶ ମହାପାତ୍ରଙ୍କୁ କଥାନି ବିଭାଗ ପାଇଁ ବଉଲ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି ୨୦୧୯ ବର୍ଷ ପାଇଁ ସମ୍ବଲପୁର କବି ବିପିନ ଆଚାର୍ଯ୍ୟଙ୍କୁ ଅଭିମନ୍ୟୁ ସମ୍ମାନ, ମନ୍ଦାକିନୀ ଶତପଥୀଙ୍କୁ ଆଲୋଚନା, ପରମେଶ୍ୱର ମୁଣ୍ଡଙ୍କୁ ନାଟକ, ଅନନ୍ତ ମେହେରଙ୍କୁ କବିତା ଓ ପ୍ରଭାତ କୁମାର ସାହୁଙ୍କୁ କଥାନି ବିଭାଗ ପାଇଁ ବଉଲ ସମ୍ମାନ ଦିଆଯାଇଥିଲା । ଡ. ସୁବାଷ ମେହେରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ବିଶିଷ୍ଟ ବ୍ୟଙ୍ଗ କବି ମନୋରଂଜନ ସାହୁ, ନାଟ୍ୟକାର କେଶ ରଂଜନ ପ୍ରଧାନ, ଗବେଷକ ଉପ୍ନନ ଭୋଇ, ଡ ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧାପକ ସୁକୁମାର ଭୋଇ ଓ କବି ମୁନୀରାମ କୁମ୍ଭାରଙ୍କ ସଂଯୋଜନାରେ ଶତାଧିକ କବି କବିତା ପାଠ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ଅଭିମନ୍ୟୁ ଦେବତାଙ୍କ ନବନିର୍ମିତ ପ୍ରତିମୂର୍ତିକୁ ମୁଖ୍ୟ ଅତିଥି ମନ୍ତ୍ରୀ ସୁଶାନ୍ତ ସିଂହ ଉନ୍‌ମୋଚ୍ନ କରିଥିଲେ । ଉନ୍‌ମୋଚନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଜିଲ୍ଲା ପରିଷଦ ସଦସ୍ୟ ଦୟାନିଧି ପଟେଲ, ସ୍ଥାନୀୟ ସରପଂଚ ମମତା ସିଂହ ବରିହା, ନନ୍ଦ କିଶୋର ଦେବତା, ବିନୋଦ ମେହେର, ଅମୁଲ୍ୟ ଭୋଇ, ଶ୍ରୀବତ୍ସ ମହାପତ୍ରଙ୍କ ସମେତ କର୍ମକର୍ତ୍ତା ବୃଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିମନ୍ୟୁ ସାହିତ୍ୟ ସଂସଦ, ସତସଙ୍ଗ ଗୋଷ୍ଠୀ, ପ୍ରଭୃତିର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଶୋଭାଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁସ୍ତକ 'ସୂକ୍ଷ୍ମଦ୍ରଷ୍ଟା ଗଙ୍ଗାଧର' ଉନ୍‌ମୋଚିତ




ପଦ୍ମପୁର, (ନିପ୍ର) : ସ୍ଥାନୀୟ ରାଜ ବୋଡାସମ୍ବର ହାଇସ୍କୁଲର ସମ୍ମିଳନୀ କକ୍ଷରେ ଗୁରୁ ପ୍ରକାଶନୀ ଆନୁକୂଲ୍ୟରେ ଡାକ୍ତର ମାନଭଞ୍ଜନ ପ୍ରଧାନଙ୍କ ଆଲୋଚନା ପୁସ୍ତକ 'ସୂକ୍ଷ୍ମଦ୍ରଷ୍ଟା ଗଙ୍ଗାଧର' ଉନ୍‌ମୋଚିତ ହୋଇଯାଇଛି । ଏଇ ଅବସରରେ ନାଟ୍ୟକାର ଅଶୋକ ବହିଦାରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରଫେସର ମହେନ୍ଦ୍ର କୁମାର ଭୋଇ ସଭାପତିତ୍ୱ କରିଥିଲେ । ବୋଡାସମ୍ବର କଲ୍‌ଚରାଲ ଫୋରମର ସଭାପତି ମନୋରଞ୍ଜନ ସିଂ ବରିହା ଓ ହାଇସ୍କୁଲ ପ୍ରଧାନ ଶିକ୍ଷକ ସରୋଜ କୁମାର ଭୁଏ ବରେଣ୍ୟ ଅତିଥି ଭାବେ ଯୋଗଦାନ କରି ବାଗଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଡଃ ଜୟ କେତନ ତ୍ରିପାଠୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବରେଣ୍ୟ ଅତିଥିମାନେ ପୁସ୍ତକଟିକୁ ଉନ୍‌ମୋଚନ କରି ଲୋକାର୍ପଣ କରିଥିଲେ ଯୁବ ଅଧାପକ ଦୁର୍ଗାଶୀଷ ପଟ୍ଟନାୟକ ଓ ଚମତ୍କାର ଶୈଳୀରେ ପୁସ୍ତକ ରଚନା ସମ୍ବନ୍ଧିତ ନିଜସ୍ୱ ଦୃଷ୍ଟିକୋଣ ଉପସ୍ଥାପନା କରିଥିଲେ । ପରିଶେଷରେ ଶେଷଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର କେଶରଞ୍ଜନ ପଧାନ, ଚନ୍ଦ୍ରଭାନୁ ପ୍ରଧାନ, ମହେଶ୍ୱର ସାହୁ, ଶାନ୍ତନୁ ପାଣିଗ୍ରାହୀ, ଜୟ ନାରାୟଣ ତ୍ରିପାଠୀ, ଡଃ ସନ୍ତୋଷିନୀ ବାବୁ, କ୍ଷୀରସିନ୍ଧୁ ସୁନା, ଜଗନ୍ନାଥ ବଢେଇ, ନିରୋଜ ଦୋରା, ତୀର୍ଥବାସୀ ପଣ୍ଡା, ଗୋବିନ୍ଦ ପାଣିଗ୍ରାହୀ, ଡଃ ବିରଂଚି ସାହୁ, ଜିତେନ୍ଦ୍ରୀୟ ନାଥ ଗୁରୁ, ରାଜେନ୍ଦ୍ର ମହାନ୍ତି, ମୀନକେତନ ସାହୁ, ଆଶୁତୋଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ବୈଠକ

ବଲାଙ୍ଗିର, (ନିପ୍ର) : ସରକାରୀ ହାଇସ୍କୁଲ ଚୁକ୍ତି ଭିତ୍ତିକ ଶିକ୍ଷକ ସଂଘର ସଭାପତି ବିନୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ସ୍ଥାନୀୟ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସମସ୍ତ ବ୍ଲକର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କର ସମସ୍ୟା ବିଷୟରେ ସବିଶେଷ ଆଲୋଚନା କରିଥିଲେ । ରାଜ୍ୟରେ ଗତ ୨୦୧୫ ମସିହାରେ ନଭେମ୍ବର ମାସରେ ବିନା କାରଣରେ ୩୭୬୦ ଚୁକ୍ତି ଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିଜ ଚାକିରିରୁ ଛଟେଇ କରାଯାଇଥିଲା । ତନ୍ମଧ୍ୟରୁ ୬୬ ଜଣ ଶିକ୍ଷକ ବଲାଙ୍ଗିର ଜିଲ୍ଲାର । ଏହାର ପ୍ରତିବାଦରେ ଶିକ୍ଷକ ସଂଗଠନ ପୁନଃ ନିଯୁକ୍ତି ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଥିଲେ ଓ ୪ ମାସର ସଂଗ୍ରାମ ପରେ ତା.୦୪.୦୪.୨୦୧୬ ପୁନଃ ନିଯୁକ୍ତି ପ୍ରତିବଦଳରେ ନୂତନ ନିଯୁକ୍ତି ରାଜ୍ୟ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥିଲା । ଫଳ ସ୍ୱରୁପ ଶିକ୍ଷକମାନେ ୧୦ ମାସର ପୂର୍ବ ଅବଧି ଚାକିରିରେ ବରିଷ୍ଠତା ହରାଇଥିଲେ ଓ ୧୦ ମାସ ଅଧିକ ସମୟ ଚୁକ୍ତିଭିତ୍ତିକ ଚାକିରିରେ ରହିବାକୁ ବାଧ ହୋଇଛନ୍ତି । ଏଥି ପୂର୍ବ ଅବଧିକୁ ଚାକିରିରେ ଯୋଗ କରିବା ପାଇଁ ସଂଘ ତରଫରୁ ଦାବୀ କରାଯାଇଛି । ଏହାର ପ୍ରତିବାଦରେ ସଂଘ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ନିଜ ନ୍ୟାୟ ପାଇବା ପାଇଁ ନିଷ୍ପତ୍ତି ହୋଇଥିଲା । ଏହା ସହ ଏହି ବୈଠକରେ ୨୦୨୦ ମସିହାରେ ନିଯୁକ୍ତି ପାଇଥିବା ବଲାଙ୍ଗିର ଜିଲ୍ଲା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ସହ ସ୍ୱାଗତ କରାଯାଇଥିଲା । ସରକାରୀ ଚୁକ୍ତିଭିତ୍ତିକ ଶିକ୍ଷକ ହୋଇ ନୂତନ ପେନସନ ଯୋଜନା (ଏନ୍‌ପିଏସ୍)ରୁ ପ୍ରଥମ ଥର ପାଇଁ ପ୍ରଧାନ ଶିକ୍ଷକ ଭାବରେ ପ୍ରମୋସନ ପାଇଥିବା ଶିକ୍ଷକମାନଙ୍କୁ ଓ ୨୦୧୩ ବ୍ୟାଚର ନିଯୁକ୍ତ ଚୁକ୍ତି ଭିତ୍ତିକ ଶିକ୍ଷକମାନେ ନିୟମିତ ଶିକ୍ଷକ ହୋଇଥିବାରୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ଏହି ବୈଠକରେ ନୂତନ ଭାବରେ ସଂଘର ଉପସଭାପତି ରୂପେ ସୁଧାଂଶୁ ଶେଖର ବାରିକ, ଯୁଗ୍ମ ସଂପାଦକ ଭାବେ ଭଗବାନ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଗାୟତ୍ରୀ ବାରିକଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରାଯାଇଥିଲା ।

ଏହି ବୈଠକରେ ସାଧାରଣ ସଂପାଦକ ଅରବିନ୍ଦ କୁମ୍ଭାର, ନରେଶ ଦ୍ୱାରି, ସନାତନ ପୁରୋହିତ, ରଂଜିତ ମିଶ୍ର, ରାମ ନାରାୟଣ ଦାଶ, ଅଶ୍ୱିନି ଷଡଙ୍ଗି, ବୀର କିଶୋର ସୁନା, ସଦାନନ୍ଦ ଭୋଇ, ହେମନ୍ତ ବାରିକ, ଦ୍ୱିତିରଂଜନ ମହାଲିଙ୍ଗ, କର୍ମ ପ୍ରଧାନ, ଗଣନାଥ ସାହୁ, ଶୁଭେନ୍ଦୁ କୁମାର ନାଥ, ଆଶୁତୋଷ ପୁଝାରୀ, ମମିତା ପ୍ରଧାନ, ବିଦ୍ୟାପତି ପ୍ରଧାନ, ଅଜୟ କୁମାର ସାହୁ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶେଷରେ ଶିକ୍ଷକ ସୁଧାଂଶୁ ଶେଖର ବାରିକ ଧନ୍ୟବାଦ ଦେଇ ଥିଲେ ।

# କୋଭିଡ଼ ଅବ୍‌ଜାର୍‌ଭର୍‌ଙ୍କ ବଲାଙ୍ଗିର ଗସ୍ତ : କୋଭିଡ଼ ସ୍ଥିତି ସମୀକ୍ଷା



ବଲାଙ୍ଗିର, (ନିପ୍ର) : ଗତ ୨ ତାରିଖ ଅପରାହ୍ନରେ ବଲାଙ୍ଗିର ଜିଲ୍ଲା ନିମନ୍ତେ ନିଯୁକ୍ତ କୋଭିଡ଼ ଅବ୍‌ଜାର୍‌ଭର୍ ତଥା ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ(ଆଇଏଏସ୍) ବଲାଙ୍ଗିର ଗସ୍ତରେ ଆସି ଭୀମ ଭୋଇ ମେଡ଼ିକାଲ କଲେଜ ହସ୍‌ପିଟାଲ ପ୍ରଶାସନିକ ଭବନ ଠାରେ ବଲାଙ୍ଗିର ଜିଲ୍ଲାରେ କୋଭିଡ଼ ସ୍ଥିତି ସଂପର୍କରେ ସବିଶେଷ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଚଞ୍ଚଳ ରାଣା ବଲାଙ୍ଗିର ଜିଲ୍ଲାର କୋଭିଡ଼ ସ୍ଥିତି ଏବଂ କୋଭିଡ଼ ମୁକାବିଲା ସକାଶେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ କୋଭିଡ଼ ଅବ୍‌ଜାର୍‌ଭର୍‌ଙ୍କୁ ଅବଗତ କରାଇଥିଲେ । ଅବ୍‌ଜାର୍‌ଭର୍ ଶ୍ରୀ ସାହୁ କୋଭିଡ଼ ମୁକାବିଲା ନିମନ୍ତେ ଟେଷ୍ଟିଂ, ଟ୍ରେସିଂ ଏବଂ ଟ୍ରିଟ୍‌ମେଣ୍ଟ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେବା ସହ ଜିଲ୍ଲାରେ ଚାଲିଥିବା କୋଭିଡ଼ ଟୀକାକରଣ ସଂପର୍କରେ ସମୀକ୍ଷା କରିଥିଲେ । କୋଭିଡ଼ ସୁରକ୍ଷା ପ୍ରଟୋକଲ୍ ଯଥା- ବାଧ୍ୟତାମୂଳକ ମାସ୍କ ବ୍ୟବହାର, ସାମାଜିକ ଦୂରତା ରକ୍ଷା ଇତ୍ୟାଦି ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନ କରିବା ସହ ଟୀକାକରଣ ନିମନ୍ତେ ମଧ୍ୟ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାରେ କୋଭିଡ଼ ରୋଗୀଙ୍କ ଚିକିତ୍ସା ନିମନ୍ତେ ରହିଥିବା ଚିକିତ୍ସା ସୁବିଧା ଉପରେ ସମୀକ୍ଷା କରିଥିଲେ । ପରେ ଭୀମ ଭୋଇ ମେଡ଼ିକାଲ କଲେଜ ଓ ହସ୍‌ପିଲାଟ ପରିସରରେ ଥିବା ଏଚ୍‌ଡିୟୁ ଓ ଆସିୟୁ ଓ୍ୱାର୍ଡ଼ ପରିଦର୍ଶନ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ପିଡ଼ି ଡିଆର୍‌ଡ଼ିଏ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋରଂଜନ ପ୍ରଧାନ, ସିଡ଼ିଏମ୍‌ଓ ଡ. ଭୀମ ସାହୁଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ପରେ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ଡିଆଇଇଟି ପରିଦର୍ଶନରେ ଯାଇ ଭିତ୍ତିଭୂମି ଓ ଆନୁସଂଗିକ ବ୍ୟବସ୍ଥା ଉପରେ ଆଲୋଚନା କରିବା ସହିତ ଉପସ୍ଥିତ ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କ ସହିତ ମ୍ୟାଟ୍ରିକ ପରୀକ୍ଷା ପ୍ରସ୍ତୁତି ଓ ଶିକ୍ଷା ବ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ । ପରେ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ପରିଦର୍ଶନରେ ଯାଇ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଶିକ୍ଷାଦାନ ବ୍ୟବସ୍ଥା ଓ ଆନୁସଂଗିକ ଭିତ୍ତିଭୂମି ସଂପର୍କରେ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଓଡ଼ିଶା ସ୍କୁଲ ଏଜୁକେସନ୍ ପ୍ରୋଗ୍ରାମ ଅଥରିଟିର ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବଲାଙ୍ଗିର ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳିତ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଠାରେ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ଏହି ଦିବସ ଉପଲକ୍ଷେ ପୂର୍ବାହ୍ନରେ ଗାନ୍ଧୀନଗରପଡ଼ା ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ରାଜେନ୍ଦ୍ର ପାର୍କ ସ୍ଥିତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୂର୍ତ୍ତି, କଚେରୀ ଛକ ସ୍ଥିତ ଡ.ବି.ଆର୍.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀଭବନ ନିକଟସ୍ଥ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି, ଶିଶୁ ଉଦ୍ୟାନ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଛକରେ ଥିବା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଥିଲା । ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ବଲାଙ୍ଗିର ଉପଜିଲ୍ଲାପାଳ ସୁଧାକର ନାୟକଙ୍କ ସମେତ ସହରର ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ମାଲ୍ୟାର୍ପଣ କରିଥିଲେ । ଓଡ଼ିଶା ଦିବସ ପାଳନ ଉପଲକ୍ଷେ ସଂଧ୍ୟା ସମୟରେ ସ୍ଥାନୀୟ ଗାନ୍ଧୀଭବନ ପରିସରରେ ଅନୁଷ୍ଠିତ ସଭାରେ ଅତିଥି ମାନଙ୍କ ଦ୍ୱାରା ଉତ୍କଳ ପ୍ରଦେଶ ଗଠନର ବରପୁତ୍ର ମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସଭାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଓଡ଼ିଶା ପ୍ରଦେଶ ଗଠନରେ ବରପୁତ୍ରମାନଙ୍କ ଯୋଗଦାନ ସଂପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରଗତିମୂଳକ ଯୋଜନା ଓ କାର୍ଯ୍ୟକାରିତା ସଂପର୍କରେ ସୂଚନା ପ୍ରଦାନ କରିବା ସହ ଓଡ଼ିଶାର ପ୍ରଗତିରେ ସମସ୍ତଙ୍କ ସହଯୋଗିତା ଓ ସହଭାଗିତା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ବଲାଙ୍ଗିର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ ହିତକର ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ସଂପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ । ସଭାରେ ସଭାପତିତ୍ୱ କରି ଜିଲ୍ଲାପାଳ ଶ୍ରୀ ରାଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାମନିଷୀମାନଙ୍କ ଯୋଗଦାନ ସଂପର୍କରେ ଉଲ୍ଲେଖ କରିବା ସହ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ସ୍ୱତନ୍ତ୍ରତା ଉପରେ ଆଲୋକପାତ କରିଥିଲେ । ସଭାରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଆଜିର ଦିବସ ଏକ ସ୍ମରଣୀୟ ଦିବସ ବୋଲି ମତ ଦେବା ସଂଗେ ସଂଗେ ଓଡ଼ିଶାର ମହାନ ପରମ୍ପରା ଓ ସଂସ୍କୃତି ସଂପର୍କରେ ମତ ଦେଇଥିଲେ । ସଭାରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଭବାନୀପାଟଣା ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ନନ୍ଦ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠଭୂମି ଓ ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ବକ୍ତବ୍ୟ ଦେଇଥିଲେ । ଓଡ଼ିଶା ଦିବସ ପାଳନ ଅବସରରେ ପୂର୍ବରୁ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ପ୍ରଥମ ଆର୍ଯ୍ୟନ ରାଉତ, ଦ୍ୱିତୀୟ ପ୍ରତିଶ୍ରୁତି ନାୟକ ଓ ତୃତୀୟ ଶ୍ରେୟା ମିଶ୍ର ଏବଂ ଉତ୍କଳ ବନ୍ଦନା ଗାୟନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ପ୍ରଥମ ଆତ୍ମନ ତ୍ରିପାଠୀ, ଦ୍ୱିତୀୟ ଆର୍ଯ୍ୟାକୁମାରୀ ପୋଢ଼ ଓ ତୃତୀୟ ସମ୍ଭ୍ରାନ୍ତ ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ଓ ଶେଷରେ ବଲାଙ୍ଗିରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସ୍ୱର ଝଙ୍କାର' ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ଓ ସଭା ଶେଷରେ ଉଦ୍‌ଯାପନୀ ସଂଗୀତ ପରିବେଷଣ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଭା ସଂଚାଳନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବୌଦ୍ଧ ଜିଲ୍ଲା କେକେଡି ପକ୍ଷରୁ କଳା ଦିବସ ପାଳିତ

ବୌଦ୍ଧ, (ନିପ୍ର) : ବୌଦ୍ଧ ଜିଲ୍ଲା କେକେଡି ପକ୍ଷରୁ ଜିଲା ଆବାହକ ସୁବେଦାର ଲଳିତ କୁମାର ସାହୁଙ୍କ ନେତୃତ୍ୱରେ ଉତ୍କଳ ଦିବସକୁ କଳା ଦିବସ ଭାବେ ମନମୁଣ୍ଡା ମେଡିକାଲ ଛକ ଠାରେ ଜୟ କୋଶଳର ନାରାବାଜି ଦେଇ କଳା ପତାକା ପ୍ରଦର୍ଶନ କରିବା ସହ ସ୍ୱତନ୍ତ୍ର କୋଶଳ ପ୍ରଦେଶର ଦାବୀ ରଖିଥିଲେ । ଏହି ବକ୍ଷୋଭରେ କୋଶଳ ସଂଗ୍ରାମୀ ଷଣ୍ଢେଶ୍ୱର ଜଗଦଲା, କୋଶଲୀ କବି ହଜାରୀ ପ୍ରଧାନ, ପ୍ରଶାନ୍ତ କର୍ଣ୍ଣ, ସତ୍ୟ ଦନ୍ତା, ହଡିବନ୍ଧୁ ସାହୁ, ଦୀପକ ମିଶ୍ର, ମନୋଜ ବିଶି, ଭାଗିରଥି ମେହେର, ବିପିନ ଲୁହା, ରାଜକୁମାର ମେହେର, ମୃତଞ୍ଜୟ ମେହେର ପ୍ରମୁଖ ଉପସ୍ଥିତ ରହି କୋଶଳ ପ୍ରଦେଶ ଗଠନ ଦାବୀ କରିବା ସହ କୋଶଳ ଦିବସକୁ ବର୍ଜନ କରିଥିଲେ ।

## ଚୁଡ଼ାପାଲିରେ ବେଆଇନ୍ ସଟ୍ଟା

ଚୁଡ଼ାପାଲି, (ନିପ୍ର) : ଚୁଡ଼ାପାଲିରେ ବେଆଇନ ସଟ୍ଟା ଖେଳ ଜୋର୍‌ସୋର୍ ଚାଲିଥିବା ଆଲୋଚନା ହେଉଛି । କିନ୍ତୁ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ, ସଂପୃକ୍ତ ଅଂଚଳରେ ବେଆଇନ ସଟ୍ଟା ଖେଳ ଯୋଗୁଁ ଅନେକ ଯୁବକ ପଥଭ୍ରଷ୍ଟ ହେଉଥିବା ବେଳେ କିଛି ଲୋକ ବିନା ପରିଶ୍ରମରେ ଅଧିକ ଅର୍ଥ ପାଇବା ଲାଳସାରେ କାମ ଧନ୍ଦା ଛାଡ଼ି ଏହି ସଟ୍ଟା ଖେଳରେ ଦିନ ରାତି ମାତିଛନ୍ତି । ଏ ସଂପର୍କରେ ପୋଲିସ ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

# ମନ୍ତ୍ରୀଙ୍କ ପୋଷ୍ୟ ସ୍କୁଲ ଅବହେଳିତ ଅବସ୍ଥାରେ : ସ୍କୁଲର ବିକାଶ ପାଇଁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

ସଇଁତଲା, (ନିପ୍ର) : ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚା କରୁଥିବା ବେଳେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ବିଭିନ୍ନ ଯୋଜନା କରି ମାଗଣାରେ ବହି, ପୋଷାକ, ସାଇକେଲ ଭଳି ଅନେକ ସାମଗ୍ରୀ ମାଗଣାରେ ଯୋଗାଉଛନ୍ତି । ହେଲେ ୨୮.୦୮.୧୯୬୩ ମସିହାରେ ସ୍ଥାପିତ ହୋଇଥିବା ବଲାଙ୍ଗିର ଜିଲ୍ଲା ସଇଁତଲା ସରକାରୀ ଅନୁସୂଚିତ ଜାତି ଓ ଜନଜାତ ଉନ୍ନୟନ ବାଳିକା ଉଚ୍ଚ ବିଦ୍ୟାଳୟକୁ ସରକାର ଅଣଦେଖା କରୁଥିବା ନେଇ ଅଭିଯୋଗ ହୋଇଛି । ଏହି ସ୍କୁଲରେ ଆଦିବାସୀ ଶ୍ରେଣୀର ଝିଅ ମାନେ ପାଠ ପଢୁଥିବା ବେଳେ ବର୍ତ୍ତମାନ ସମୟରେ ଅବ୍ୟବସ୍ଥା ଦେଇ ଗତି କରୁଥିବା ଦେଖିବାକୁ ମିଳିଛି । ତେବେ ଏହି ବିଦ୍ୟାଳୟର ଅନ୍ତେବାସିନୀ ଓ ଦିବ୍ୟାଧାୟୀ ଛାତ୍ରୀଙ୍କ ସଂଖ୍ୟା ୫୨୭ ରହିଥିବା ବେଳେ ବର୍ତ୍ତମାନ ୬ଷ୍ଠରୁ ୧୦ ଶ୍ରେଣୀ ପର୍ଯ୍ୟନ୍ତ ୧୦୦ରୁ ଅଧିକ ଛାତ୍ରୀ ପାଠ ପଢୁଛନ୍ତି । ଏତେ ପୁରୁଣା ବିଦ୍ୟାଳୟର ବର୍ତ୍ତମାନ ପର୍ଯ୍ୟନ୍ତ ବିକାଶ ହୋଇନ ଥିବା ବେଳେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଅଭିଯୋଗ ଅନୁସାରେ ସ୍କୁଲ ଶ୍ରେଣୀ ଗୃହ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ସ୍କୁଲ ଉନ୍ନତି, ଛାତ୍ରୀ ଓ ଶିକ୍ଷୟତ୍ରୀ ମାନଙ୍କ ପାଇଁ ହଷ୍ଟେଲ ପରିସରରେ ସାର୍ବଜନୀନ ବ୍ୟବହାର ପାଇଁ ଶୌଚାଳୟ ନଥିବା ଜଣାପଡ଼ିଛି । ଖରା କିମ୍ବା ବର୍ଷା ସମୟରେ ଛାତ୍ରୀ ମାନେ ମୁକ୍ତ ଆକାଶ ବାହାରେ ପ୍ରାର୍ଥନା କରୁଥିବା ବେଳେ ତାଙ୍କ ପାଇଁ ମଧ ଏକ ହଲ୍ ନିର୍ମାଣ କରାଯିବା ସହ ଏକ ହଷ୍ଟେଲ ନିର୍ମାଣ କରାଯିବାକୁ ଦାବୀ ହେଉଛି । କ୍ରୀଡା ଶିକ୍ଷୟତ୍ରୀ ପଦବୀ ଖାଲି ପଡ଼ିଥିବା ଭଳି ଅନେକ ସମସ୍ୟା ରହିଥିବା ବେଳେ ଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ନିବେଦିତା ହୋତା ଓଡିଶାର ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନୀ ସାହୁଙ୍କୁ ଅଭିଯୋଗ କରିଥିଲେ । ଏନେଇ ପ୍ରଧାନ ଶିକ୍ଷୟତ୍ରୀ ଓ ମନ୍ତ୍ରୀଙ୍କ ମଧରେ ସ୍କୁଲ ଅବହେଳିତ ଅବସ୍ଥାରେ ଥିବା ବେଳେ ସ୍କୁଲର ବିକାଶ ପାଇଁ ଆଲୋଚନା ମଧ୍ୟ ହୋଇଥିଲା । ତେବେ ଏହି ସ୍କୁଲକୁ ମନ୍ତ୍ରୀ ଶ୍ରୀମତୀ ସାହୁ ପୋଷ୍ୟ ସ୍କୁଲ ଭାବରେ ଗ୍ରହଣ କରିଥିବା ବେଳେ ସ୍କୁଲର ବିକାଶ, ଛାତ୍ରୀ ମାନଙ୍କ ସମସ୍ୟାକୁ ନେଇ ମୁଁ ଚିନ୍ତିତ ଥିବା କହିଛନ୍ତି ଏବଂ ନିଶ୍ଚିତ ଭାବରେ ସ୍କୁଲର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବି ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

# ଏପ୍ରିଲ ୧କୁ କଳା ଦିବସ ଭାବେ ପାଳିଲା କୋଶଲ ସେନା

ବଲାଙ୍ଗିର, (ନିପ୍ର) : ଏପ୍ରିଲ ୧ 'ଉତ୍କଳ ଦିବସ'କୁ କଳା ଦିବସ ଭାବେ ପାଳନ କରିଛି କୋଶଲ ସେନା । ଏହି ଅବସରରେ କୋଶଲ ସେନା ପକ୍ଷରୁ ଏକ ର୍‌ୟାଲିର ଆୟୋଜନ କରାଯାଇଥିବା ବେଳେ ସ୍ଥାନୀୟ ମହାଦେବ ମନ୍ଦିର ଛକରୁ ର୍‌ୟାଲିରେ ବାହାରି ଜିଲ୍ଲାପାଳଙ୍କ ଅଫିସ୍ ପର୍ଯ୍ୟନ୍ତ ପହଂଚିଥିଲା । ର୍‌ୟାଲିରେ ବିଭିନ୍ନ ପ୍ରକାର ଉତ୍କଳ ବିରୋଧୀ ନାରା ଦିଆଯାଇଥିବା ଦେଖାଯାଇଛି । କୋଶଲ ସେନା ପକ୍ଷରୁ ପ୍ରଶ୍ନ କରାଯାଇଛି ଯେ, କୋଶଲ, କଳିଙ୍ଗ ଓ ଉତ୍କଳର ମିଶ୍ରଣରେ ଯଦି ଓଡ଼ିଶା ପ୍ରତିଷ୍ଠା ହୋଇଛି ତେବେ କେବଳ ଉତ୍କଳ ଦିବସ କାହିଁକି ପାଳନ କରାଯାଉଛି ? ସାରା କୋଶଲାଂଚଲ ବିରୋଧ କରିବା ପରେ ବି କାହିଁକି 'ବନ୍ଦେ ଉତ୍କଳ ଜନନୀ' ସଂଗୀତକୁ କାହିଁକି ରାଜ୍ୟ ସଂଗୀତ ମାନ୍ୟତା ଦିଆଯାଇଛି କାହିଁକି ? ଓଡ଼ିଶାର ପାଠ୍ୟପୁସ୍ତକରେ କୋଶଲର ଇତିହାସକୁ କାହିଁକି ସ୍ଥାନୀତ କରାଯାଉନାହିଁ ? ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଜି ଛୁଟି ଥିବା ହେତୁ ସାମ୍‌ନାର କାନ୍ଥରେ ଦାବୀପତ୍ର ଟାଙ୍ଗି ଦିଆଯାଇଥିଲା । କୋଶଲ ସେନା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏପ୍ରିଲ ୧କୁ ବିରୋଧ ପ୍ରଦର୍ଶନ କରି ସଦସ୍ୟମାନେ ଅଗ୍ନିବର୍ଷୀ ଅଭିଭାଷଣ ପ୍ରଦାନ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମରେ କୋଶଲୀ ଭାଷା ସାହିତ୍ୟ ସଂସ୍କୃତି ଗବେଷକ ରାମଭକ୍ତ ଫରିକାରଙ୍କ ସମେତ ଅର୍ପଣ ନାଏକ, କୌସ୍ତୁବ ସାହୁ, ସୁଶାନ୍ତ ମିଶ୍ର, ଦୁର୍ବାସା ମାଝୀ, କାହ୍ନୁ ମହାକୁର, ସରୋଜ ପଧାନ, ରାଣାପ୍ରତାପ ସିଂହ, ଅଜୟ ସାହୁ ପ୍ରମୁଖ ଶତାଧିକ କୋଶଲ ସେନାର କର୍ମକର୍ତ୍ତାମାନେ ସାମିଲ୍ ଥିଲେ ।

# ସାକ୍ଷରତାର ମୂଳଦୁଆ ମଜବୁତ କରିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ପଠନ ଅଭ୍ୟାସ ଜାରି ରଖିବାକୁ ପଡିବ: ଉପ ରାଷ୍ଟ୍ରପତି



- ପିଲାମାନଙ୍କ ପାଇଁ ଲେଖକମାନେ ଅଧିକ ପୁସ୍ତକ ରଚନା କରିବା ଉଚିତ : ଉପ ରାଷ୍ଟ୍ରପତି
- ପ୍ରଶାସନ, ବିଚାର ବିଭାଗ ଓ ଶିକ୍ଷା କ୍ଷେତ୍ରରେ ଅଧିକରୁ ଅଧିକ ସ୍ଥାନୀୟ ଭାଷାର ପ୍ରୟୋଗ ପାଇଁ ଉପ ରାଷ୍ଟ୍ରପତି ଶ୍ରୀ ନାଇଡୁଙ୍କ ଆହ୍ୱାନ
- ସାରଳା ଦାସଙ୍କ ଓଡିଆ ମହାଭାରତ ସରଳ ଓ କଥିତ ଭାଷାରେ ରଚିତ : ଉପ ରାଷ୍ଟ୍ରପତି ଶ୍ରୀ ନାଇଡୁ
- ସାରଳା ଦାସଙ୍କୁ ଆଦି କବି, ଆଦି ଐତିହାସିକ ଓ ଆଦି ଭୂଗୋଳବିତ୍ ଭାବେ କବିଙ୍କ ୬୦୦ତମ ଜନ୍ମ ବାର୍ଷିକୀରେ ଅବିହିତ କଲେ ଶ୍ରୀ ନାଇଡୁ

ଭୁବନେଶ୍ୱର, (ପିଆଇବି) : ସାକ୍ଷରତାର ମୂଳଦୁଆ ମଜବୁତ କରିବା ପାଇଁ ଯୁବାବସ୍ଥାରୁ ପଠନ ଅଭ୍ୟାସ ଜାରି ରଖିବା ଉପରେ ଉପରାଷ୍ଟ୍ରପତି ଏମ୍. ଭେଙ୍କିଆ ନାଇଡୁ ଗୁରୁତ୍ୱ ଆରୋପ କରିଛନ୍ତି । ପିଲାମାନଙ୍କ ମଧ୍ୟରେ ପଠନ ଅଭ୍ୟାସ ସୃଷ୍ଟି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସେ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷକ ଓ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି ।

ପିଲାମାନଙ୍କ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ସେମାନଙ୍କୁ ଯାନ୍ତ୍ରିକ ଉପକରଣ ଉପରେ ଅତ୍ୟଧିକ ନିର୍ଭରଶୀଳ ନ ହୋଇ ପଡିବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି ।

ବିଦ୍ୟାଳୟଗୁଡିକ ପୁସ୍ତକର ସୁନ୍ଦର ପୃଥିବୀକୁ ଶ୍ରେଣୀଗୃହରେ ବିରାଜମାନ କରାଇବା ଅଧିକରୁ ଅଧିକ ଲେଖକ ପିଲାମାନଙ୍କ ପାଇଁ ବହି ଲେଖିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପିଲାମାନଙ୍କ ଆଗ୍ରହ ଓ ସାମର୍ଥ୍ୟକୁ ଆଖିଆଗରେ ରଖି ଏହି ବହି ସବୁ ଲେଖାଯିବା ଉପରେ ସେ ମତବ୍ୟକ୍ତ କରିଛନ୍ତି ।

ଆଦି କବି ସାରଳା ଦାସଙ୍କ ୬୦୦ତମ ଜନ୍ମ ବାର୍ଷିକୀ ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ନାଇଡୁ କହିଛନ୍ତି ଯେ, ସାରଳା ଦାସଙ୍କ ଦ୍ୱାରା ରଚିତ ମହାଭାରତ ଏହାର ଅନନ୍ୟ ବର୍ଣ୍ଣନା ଶୈଳୀ ଓ ଭାଷା ବିନ୍ୟାସ ଯୋଗୁଁ ଶହ ଶହ ବର୍ଷ ପରେ ମଧ୍ୟ ଏହା ଓଡିଆମାନଙ୍କ ମଧ୍ୟରେ ଆଦୃତ ହୋଇଛି ।

ସରଳ ଓ କଥିତ ଭାଷା କିପରି ଲୋକଙ୍କ ମନକୁ ଛୁଇଁଥାଏ ତାହା ସାରଳା ଦାସଙ୍କ ମହାଭାରତରେ ପ୍ରତିଫଳିତ ବୋଲି ସେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଶାସନ ଓ ନ୍ୟାୟପାଳିକାର ସ୍ଥାନୀୟ ଭାଷାର ଅଧିକରୁ ଅଧିକ ବ୍ୟବହାର ଲୋକମାନଙ୍କୁ ସନ୍ଦେଶ ଦେବାରେ ବିଶେଷ ସହାୟକ ହେବା ଉପରେ ସେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ବା ମାତୃଭାଷାରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ପ୍ରଦାନ ପାଇଁ ସେ ପରାମର୍ଶ ଦେବା ସହ ପ୍ରାଥମିକ ସ୍ତରରେ ଶିକ୍ଷାଦାନ ମାତୃଭାଷାରେ କରାଗଲେ ତାହା ଉତ୍ତମ ଫଳ ଦେଇଥାଏ ବୋଲି ବିଭିନ୍ନ ଗବେଷଣାରୁ ପ୍ରମାଣିତ ହୋଇଥିବା ପ୍ରକାଶ କରିଛନ୍ତି ।

ସାରଳା ଦାସ କେବଳ ଆଦି କବି ନ ଥିଲେ ବରଂ ଆଦି ଐତିହାସିକ, ଆଦି ଭୌଗୋଳିକବିତ୍ ବୋଲି ମତବ୍ୟକ୍ତ କରିବା ସହ ଶ୍ରୀ ନାଇଡୁ ପଂଚଦଶ ଶତାବ୍ଦୀର ଆଦ୍ୟଭାଗରେ ସ୍ଥାନୀୟ କଥିତ ଭାଷାରେ ସାହିତ୍ୟ ରଚନା କରି ସେ ସାହିତ୍ୟରେ ଗଣତାନ୍ତ୍ରିକ ଭାବନାର ଅଗ୍ରଦୂତ ଥିଲେ ବୋଲି ପ୍ରକାଶ କରିଛନ୍ତି । ସାରଳା ଦାସଙ୍କୁ କବୀର ଓ ଯୋଗୀ ବେମନ୍ନାଙ୍କ ସହ ତୁଳନା କରି ମହାନ୍ କବିମାନେ ସେମାନଙ୍କ ଅସାଧାରଣ ପ୍ରତିଭା ଦ୍ୱାରା ଜଟିଳ ଭାବକୁ ମଧ୍ୟ ସରଳ ଭାଷାରେ ବ୍ୟକ୍ତ କରିବା ଯୋଗୁଁ ଏହା ସମାଜରେ ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ସୁଦୂର ପ୍ରସାରୀ ପ୍ରଭାବ ପକାଇଥାଏ ବୋଲି ଶ୍ରୀ ନାଇଡୁ କହିଛନ୍ତି ।

ଉପ ରାଷ୍ଟ୍ରପତି ଆହୁରି କହିଛନ୍ତି ଯେ, ସାରଳା ଦାସଙ୍କ ମହାଭାରତରେ ନାୟକନାୟିକାଙ୍କ ଯେଉଁ ଚରିତ୍ର ଚିତ୍ରଣ କରାଯାଇଛି ପରବର୍ତ୍ତୀ କାଳରେ ଅନେକ ଲେଖକ ତାହା ଦ୍ୱାରା ଅନୁପ୍ରାଣୀତ ହୋଇ ପୂର୍ଣ୍ଣାଙ୍ଗ ଉପନ୍ୟାସ ରଚନା କରିଛନ୍ତି । ସାରଳା ଦାସଙ୍କ ମହାଭାରତରେ ନାରୀ ଚରିତ୍ର ଖୁବ୍ ଶକ୍ତିଶାଳୀ ଓ ସେମାନେ ଅଧିକ ଉଲ୍ଲେଖନୀୟ ଗୁଣର ଅଧିକାରୀ ହୋଇ ଗଭୀର ଆତ୍ମବିଶ୍ୱାସ ଓ ସାହସର ସହ କାର୍ଯ୍ୟ କରିଥାନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ସାରଳା ଦାସଙ୍କୁ ଜଣେ ଯଶସ୍ୱୀ ସାହିତ୍ୟିକ ଭାବେ ବିଚେଚନା କରି ଓଡିଆ ଭାଷାର ଜନକ ସମ୍ମାନ ଅଳଙ୍କୃତ କରିଥିବା ସେ ଓଡିଆ ଭାଷା ଓ ସଂସ୍କୃତିକୁ ସମୃଦ୍ଧ କରିଥିବା ଶ୍ରୀ ନାଇଡୁ କହିଛନ୍ତି । ଭାରତ ସରକାର ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେଇଛନ୍ତି ଓ ସାରଳା ଦାସ ଏହାର ଉତ୍ତୁଙ୍ଗ ଆଲୋକବର୍ତ୍ତିକା ଏଥିରେ ଦ୍ୱିମତ ନାହିଁ ବୋଲି ସେ କହିଛନ୍ତି ।

ଏହି ଅବସରରେ କଳିଙ୍ଗ ରତ୍ନ ସମ୍ମାନରେ ସମ୍ମାନୀତ ହୋଇଥିବା ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଶ୍ରୀ ନାଇଡୁ ଅଭିନନ୍ଦନ ଜଣାଇଛନ୍ତି । ପୂର୍ବରୁ ଶ୍ରୀ ନାଇଡୁ ଭୁବନେଶ୍ୱର ରାଜଭବନରେ ଏକ ଚାରାରୋପଣ ମଧ୍ୟ କରିଥିଲେ । ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମନ୍ତ୍ରିମଣ୍ଡଳ ସଦସ୍ୟ ଶ୍ରୀ ପ୍ରତାପ ଜେନା, ସାରଳା ସାହିତ୍ୟ ସଂସଦର ସଭାପତି ଡକ୍ଟର ପ୍ରଭାକର ସ୍ୱାଇଁ, ପୂର୍ବତନ ରାଜ୍ୟ ମୁଖ୍ୟ ଶାସନ ସଚିବ ତଥା ସାରଳା ସାହିତ୍ୟ ସଂସଦ ସଦସ୍ୟ ସହଦେବ ସାହୁ ଏବଂ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ ।



# ଦେଓଗାଁ ଓଆଇସିଙ୍କ ବଦଳି, ଆସିବେ ଟିଟିଲାଗଡ ଆଇଆଇସି : ନରକଙ୍କାଳ ଉଦ୍ଧାର ଓ ସୁନା ବ୍ୟବସାୟୀ ହତ୍ୟାର ରହସ୍ୟ ଖୋଲିବ ତ ?

ଦେଓଗାଁ, (ନିପ୍ର) : ଦେଓଗାଁ ଥାନାର ଓଆଇସି ରଂଜନ ବରିହାଙ୍କୁ ଟିଟିଲାଗଡ଼ ଥାନାକୁ ବଦଳି ହୋଇଥିବା ଜଣାପଡିଛି । ତାଙ୍କ ବଦଳରେ ଟିଟିଲାଗଡ଼ ଥାନା ଆଇଆଇସି ପ୍ରଭାତ ରଂଜନ ମହାନ୍ତି ଦେଓଗାଁ ଥାନାକୁ ଆସିବେ । ଓଆଇସିଙ୍କ ବଦଳି ଜଣାପଡିବା ପରେ ଦେଓଗାଁ ଥାନା ଅଂଚଳରେ ଗତ ବର୍ଷରେ ୧୧ ମାସ ମଧ୍ୟରେ ସମାନ ଢଙ୍ଗରେ ନିଖୋଜ ହୋଇ ଗୋଟିଏ ନରକଙ୍କାଳ ଓ ମୃତ୍ୟୁ ଦେହ ଠାବ ହୋଇଥିବା ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । ଦୁଇଟି ଘଟଣା ଗୁପ୍ତଧନ କାରବାରକୁ ନେଇ ହୋଇଥିବା ଚର୍ଚ୍ଚା ହେଉଥିଲେ ବି ପଛଘୁଂଚା ଦେଇ ଚୁପ ରହିଛି ଦେଓଗାଁ ପୁଲିସ ।




ବିଭିନ୍ନ ସମୟରେ ଦେଓଗାଁ ରାସ୍ତା ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଗାଡିକୁ କାବୁ କରୁଥିଲେ ବି ମାଷ୍ଟର ମାଇଣ୍ଡ କେବେ ଧରା ପଡିନାହାନ୍ତି । ଏହି ଘଟଣା ଗୁଡିକୁ ନେଇ ଦେଓଗାଁ ଓଆଇସି ଚର୍ଚ୍ଚାରେ ରହି ଆସୁଥିଲେ । ପ୍ରକାଶ ଥାଉକି ଗତ ୨୦୨୦ ଜାନୁୟାରୀ ୨୧ ତାରିଖରେ ବଡବନ୍ଧ ପଂଚାୟତ ସିଲେଟକାନୀ ଗାଁର ଏକ ଇଟାଭାଟିରୁ ବବୁଲୁ ବଗର୍ତ୍ତୀ ନାମକ ଏକ ୧୧ ବର୍ଷୀୟ ବାଳକ ନିଖୋଜ ହୋଇଥିଲା । ନିଖୋଜର ୧୫ ଦିନ ପରେ ନଦୀ ଭିତରୁ ଉକ୍ତ ଶିଶୁର ନରକଙ୍କାଳ ଉଦ୍ଧାର ହୋଇଥିଲା । ଏହି ଘଟଣାକୁ ବର୍ଷ ବର୍ଷ ବିତିଯାଇଥିଲେ ବି ଘଟଣା ଉପରୁ ପରଦା ହଟାଇବାରେ ଫେଲ ମାରିଛି ଦେଓଗାଁ ପୁଲିସ । ସେହିପରି ଗତ ନଭେମ୍ବର ମାସରେ ହାତୀସରା ଗାଁର ନିଖୋଜ ସୁନା ବ୍ୟବସାୟୀ ଗଜାନନ ମେହେରର କ୍ଷତ ବି କ୍ଷତ ମୃତ ଦେହକୁ ଟିପାକାନି ଜଙ୍ଗଲ ଭିତରୁ ପୁଲିସ ଉଦ୍ଧାର କରିଥିଲେ । ହେଲେ ଗଜାନନକୁ କିଏ ଓ କାହିଁକି ହତ୍ୟା କଲା ତାକୁ ବି ଖୋଜି ବାହାର କରିବାରେ ବିଫଳ ହୋଇଛନ୍ତି ଦେଓଗାଁ ଓଆଇସି । ଏବେ ତାଙ୍କ ବଦଳି ଖବର ଜଣାପଡିବା ପରେ ଏହି ଦୁଇ ହତ୍ୟାକାଣ୍ଡକୁ କିଭଳି ଭାବରେ ନେବେ ଦେଓଗାଁକୁ ଆସୁଥିବା ନୂତନ ଆଇଆଇସି ତାକୁ ଦେଖିବା ବାକି ରହିଛି ।

## ଗୋରୁ ବେପାରୀଙ୍କୁ ସୁହାଉଛି ଲୋକାଲ ରାସ୍ତା



ବୌଦ୍ଧ, (ନିପ୍ର) : ଆମ୍ବଗାଁ ସାପ୍ତାହିକ ଗୋରୁ ବଜାରରୁ ଗାଡି ଯୋଗେ ଜିଲ୍ଲା ବାହାରକୁ ଗୋଚାଲାଣ ହେଉଥିଲା । ଗୋପ୍ରେମୀଙ୍କ ପ୍ରଚେଷ୍ଟା ଫଳରେ ଗୋରୁ ବଜାର ବନ୍ଦ ହୋଇଯିବା ପରେ ଆମଦାନୀ କରୁଥିବା ଗୋରୁ ବ୍ୟବସାୟୀଙ୍କ ରୋଜଗାର ଉପରେ ଚଡକ ପଡିଲା । ଫଳରେ ବ୍ୟବସାୟର ନୂଆଁ ପନ୍ଥା ବାଛି ନେଇଛନ୍ତି ବ୍ୟବସାୟୀ । ସ୍ଥାନୀୟ ଦଲାଲଙ୍କୁ ହାତବାରିସି କରି ବାରଖମାର ଅଂଚଳର କିଛି ଅସାଧୁ ବେପାରୀ ଲୋକାଲ ରାସ୍ତାରେ ଗୋ' ଚାଲାଣ କରୁଥିବାର ନଜରକୁ ଆସିଛି । ଗୁରୁବାର କିଛି ବ୍ୟବସାୟୀ ଗୁଣ୍ଡୁଚିତରା ଗ୍ରାମରୁ ଲୋକାଲ ରାସ୍ତାରେ ୧୪ଟି ଗୋରୁଙ୍କୁ ପାଦରେ ଚଲାଇ ଚଲାଇ ବାହାର ଜିଲ୍ଲାକୁ ଚାଲାଣ କରୁଥିବା ବେଳେ ଆଶ୍ରେଗାଁ ଗ୍ରାମ ନିକଟରେ ସେମାନଙ୍କୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଦସ୍ୟ ଭାଇମାନେ ଅଟକ ରଖି ପଚାରିବାରୁ ବାରଖମାର ଅଂଚଳରୁ ଆସି ବେପାର ପାଇଁ ଗୋରୁ ନେଉଥିବା କହିଥିଲେ । ଗୋରୁ ପଲ ଭିତରେ ଛୋଟ ଛୋଟ ବାଛୁରି ଥିବାରୁ ବାଛୁରି ଲାଗିଥିବା ଗାଈଙ୍କୁ ସ୍ଥାନୀୟ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରିବା ସହ ଗୋ' ବ୍ୟବସାୟ ଛାଡିଦେବା ପାଇଁ ବୁଝାସୁଝା କରି ସେମାନଙ୍କୁ ଛାଡି ଦେଇଥିଲେ । ଜିଲ୍ଲା ପ୍ରଶାସନ ଅସାଧୁ ଗୋରୁ ବେପାରୀ ଉପରେ ପ୍ରତିବନ୍ଧକ ଲଗାଇବାକୁ ସାଧାରଣରେ ଦାବୀ ହେଉଛି ।

## ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହ : ଓଡିଶା ତଥା ଦେଶ ବିଦେଶରେ ରହୁଥିବା ଓଡିଆ ଭାଇ ଭଉଣୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ନିପ୍ର) : ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହରେ ମାନ୍ୟବର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ବିଭାଗୀୟ ମନ୍ତ୍ରୀ ରଘୁନନ୍ଦନ ଦାସ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଓଡ଼ିଶା ଦିବସ ଅବସରରେ ଓଡିଶା ତଥା ଦେଶ ବିଦେଶରେ ରହୁଥିବା ଓଡିଆ ଭାଇ ଭଉଣୀଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ଆମର ବରପୁତ୍ରମାନେ ଓଡିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ପାଇଁ ଅପ୍ରାଣ ଉଦ୍ୟମ କରିଥିଲେ ବୋଲି କହିଛନ୍ତି ।

ଶାସନ ସଚିବ ଶ୍ରୀ ସିଂ ମାନ୍ୟବର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଓଡିଶା ଦିବସ ବାର୍ତ୍ତା ପଢି ଶୁଣାଇଥିଲେ । ବିଭାଗ ପକ୍ଷରୁ ପ୍ରସ୍ତୁତ ତୁଙ୍ଗ ଶିଖରୀ ଚୁଳ ସଙ୍ଗୀତ ଆଧାରିତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ଭିନ୍ନକ୍ଷମମାନଙ୍କୁ ରେଡକ୍ରସ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

## ଚମ୍ପେଶ୍ୱର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୭୯ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବଂଧୁ ମିଳନ

ନରସିଂହପୁର, (ନିପ୍ର) : ଗତ ରବିବାର ଦିନ ଚମ୍ପେଶ୍ୱର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ୧୯୭୯ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀ ମାନଙ୍କ ପ୍ରଥମ ବଂଧୁମିଳନ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଅନୁଷ୍ଠାନର ପ୍ରାୟ ୪୦ ଜଣ ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପ୍ରଥମେ ସମସ୍ତେ ବିଦ୍ୟାଳୟ ପ୍ରାଙ୍ଗଣରେ ଉପସ୍ଥିତ ହୋଇ ନିଜ ନିଜର ପୁରୁଣା ସ୍ମୃତିକୁ ମନେ ପକାଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ବିଦ୍ୟାଳୟର ବର୍ତ୍ତମାନ ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ମୋ ସ୍କୁଲ ଯୋଜନା ବିଷୟରେ ଆଲୋଚନା ହୋଇଥିଲା । ପରେ ସମସ୍ତେ ମିଶି ସ୍ଥାନୀୟ ଦେଓଝର ପର୍ଯ୍ୟଟନ ସ୍ଥଳିକୁ ଯାଇ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସଂଗେ ସଂଗେ ଭୋଜିଭାତ ଓ ନୃତ୍ୟଗୀତର ଆସର ଜମାଇଥିଲେ । ପରିଶେଷରେ ଏହି ଉତ୍ସବର ଆୟୋଜନ ପ୍ରତିବର୍ଷ କରିବାକୁ ସମସ୍ତେ ନିଷ୍ପତ୍ତି ନେଇଥିଲେ । ଏହି ମିଳନ ଉତ୍ସବକୁ ସଫଳ ରୂପ ଦେବା ପାଇଁ ରବିନ୍ଦ୍ର କୁମାର ଷଡ଼ଙ୍ଗୀ, ମୁରଲୀଧର ସାହୁ, ଚନ୍ଦ୍ରମଣି ଜେନା, ଚନ୍ଦ୍ରମଣି ବେହେରା, ରଶ୍ମିରଂଜନ ନାୟକ, ପ୍ରଦୀପ ମହାଲିକ, ଦୟାନିଧି ସେଠୀ, ସଦାନନ୍ଦ ସାହୁ, ବାସନ୍ତୀ ବରାଳ ଓ ମଂଜୁଳା ମିଶ୍ର ପ୍ରମୁଖ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ।

## ସଦାବେଳେ ମା', ମାତୃଭାଷା ........ (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ରଖିବା ଲାଗି ସେ ସମସ୍ତଙ୍କୁ ନିବେଦନ କରିବା ସହିତ କହିଥିଲେ ଯେ ସମାଜର ସଫଳ ବ୍ୟକ୍ତିବିଶେଷ ସେମାନଙ୍କର ନିଜ ନିଜ ପୈତୃକ ଗ୍ରାମର ଲୋକମାନଙ୍କୁ ସହାୟତାର ହାତ ବଢ଼ାଇବା ସହିତ ସେମାନଙ୍କର ଉନ୍ନତି କରିବା ଜରୁରି । ଲୋକସଭା ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ରଚିତ ତାଙ୍କ ସ୍ୱର୍ଗୀୟ ମା' ଶ୍ରୀମତୀ ନୀଳିମା ରାଣୀଙ୍କ ଜୀବନୀ ପୁସ୍ତକକୁ ଉପ ରାଷ୍ଟ୍ରପତି ଶ୍ରୀ ନାଇଡୁ ଉନ୍ମୋଚନ କରିଥିଲେ । ନିଜ ମା'ଙ୍କ ଜୀବନ ଓ ସଂଗ୍ରାମର କାହାଣୀକୁ ଶ୍ରୀ ସାମନ୍ତ ଲେଖିବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ଶ୍ରୀ ନାଇଡୁ କହିଲେ ଯେ, ଏଭଳି ଜଣେ ମା'ଙ୍କ ଜୀବନୀକୁ ଉନ୍ମୋଚନ କରିବା ଆନନ୍ଦର କଥା । କାରଣ, ନିଜର ଲାଳନ ପାଳନ ଏବଂ ମୂଲ୍ୟବୋଧ ଜରିଆରେ ଜଣେ ମା' ହିଁ ନିଜର ସନ୍ତାନମାନଙ୍କୁ ଏଭଳି ସଫଳତାର ଶୀର୍ଷର ପହଂଚାଇବାରେ ସହାୟକ ହୋଇଥାନ୍ତି ।

ଶ୍ରୀମତୀ ନୀଳିମା ରାଣୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଉପ ରାଷ୍ଟ୍ରପତି କହିଲେ ଯେ, ଉତ୍କଟ ଦାରିଦ୍ର୍ୟ ଏବଂ ସମ୍ବଳର ଅଭାବ ସତ୍ତ୍ୱେ ସେ ନିଜର ସନ୍ତାନମାନଙ୍କୁ ଉତ୍ତମ ଶିକ୍ଷା ଦେଇଥିଲେ ଏବଂ ଗରିବ ତଥା ଅବହେଳିତ ଲୋକମାନଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ ଜାରି ରଖି ପାରିଥିଲେ । ନିଜ ପୁତ୍ରମାନଙ୍କ ସହାୟତାରେ ଶ୍ରୀମତୀ ନୀଳିମା ରାଣୀ ନିଜ ପୈତୃକ ଗ୍ରାମ କଲାରବାଙ୍କକୁ ଦେଶର ପ୍ରଥମ ସ୍ମାର୍ଟ ଗ୍ରାମରେ ପରିଣତ କରିପାରିଥିବାରୁ ଶ୍ରୀ ନାଇଡୁ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହାକୁ ଏକ ପ୍ରେରଣା ବୋଲି ଅଭିହିତ କରି ସେ କହିଲେ ଯେ, ତାଙ୍କର ଏଭଳି ଭାବନା ଓ କାର୍ଯ୍ୟରୁ ଅନ୍ୟମାନେ ଅନୁକରଣ କରିବା ଉଚିତ ଏବଂ ଏହା ଦ୍ୱାରା ନିଜ ପୈତୃକ ଗ୍ରାମର ଲୋକମାନଙ୍କ ଉନ୍ନତି ହୋଇପାରିବ ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଲୋକସଭା ସଦସ୍ୟ ଡକ୍ଟର ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ........ (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ପ୍ରିୟ ଛାତ୍ରଛାତ୍ରୀ,

ଆପଣମାନେ ଆମର ପରବର୍ତ୍ତୀ ପିଢ଼ିର ଶିକ୍ଷକ, ଗବେଷକ, ପରିଚାଳକ, ବିଦ୍ୱାନ, ପ୍ରଶାସକ, ଓକିଲ ଓ ନେତା । ଆପଣମାନେ ମନେରଖିବା ଉଚିତ ଯେ ଆପଣମାନଙ୍କ ଭାଗ୍ୟ ରାଷ୍ଟ୍ରର ଭାଗ୍ୟ ସହ ଅଙ୍ଗାଙ୍ଗୀ ଭାବେ ଜଡିତ । ଏହା କେବଳ ଏକ ଅତିଶୟୋକ୍ତି ନୁହେଁ; ଆପଣମାନେ ସେହି ଶୃଙ୍ଖଳା, ସାଧୁତା, ସଚ୍ଚୋଟତା ଓ କଠିନ ପରିଶ୍ରମକୁ ଭୁଲିବା ଅନୁଚିତ । କାରଣ ସାଧାରଣ ଜୀବନ ସହିତ ଯେକୌଣସି କ୍ଷେତ୍ର ପାଇଁ ଏସବୁ ସଫଳତାର ଚାବି । ବଂଚିତମାନଙ୍କ ଆବଶ୍ୟକତା ପ୍ରତି ଆପଣମାନେ ସମ୍ବେଦନଶୀଳ ହେବା ଆବଶ୍ୟକ ।

ଆମର ବିପୁଳ ଅର୍ଥନୈତିକ ସାମର୍ଥ୍ୟ ରହିଛି ଏବଂ ଏହା ମାଧ୍ୟମରେ ଆମେ ସମସ୍ତ ମାନବ ବିକାଶ ସୂଚକାଙ୍କରେ ଉନ୍ନତି ଆଣିପାରିବା । ଆମେ କ୍ଷୁଧା, ବ୍ୟାଧି, ଅଜ୍ଞତା ଓ ଆମ ଅଭିବୃଦ୍ଧିକୁ ପ୍ରତିହତ କରୁଥିବା ପ୍ରତ୍ୟେକ ପ୍ରତିବନ୍ଧକ ବିରୋଧରେ ଯଥାର୍ଥ ଲଢ଼େଇ କରିପାରିବା । ଯୁବକମାନେ ହିଁ ପରିବର୍ତ୍ତନର ଚାବି । ସାମାଜିକ ସଚେତନତା ଓ ସମ୍ବେଦନଶୀଳତା ମାଧ୍ୟମରେ ଆମ ସ୍ୱପ୍ନ ଦେଖୁଥିବା ପରିବର୍ତ୍ତନ ଆଣିପାରିବା ।

ମୁଁ ଆପଣମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି । ଆହ୍ୱାନକୁ ଗ୍ରହଣ କରି ପରିବର୍ତ୍ତନର ବାହକ ହେବାକୁ ଆହ୍ୱାନ ଜଣାଉଛି । ନିଜର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନିର୍ଦ୍ଧାରଣ କରି ନୂଆ ପୃଥିବୀ ନିର୍ମାଣରେ ନିଜର ଅବଦାନ ଦିଅନ୍ତୁ ଏବଂ ଭବିଷ୍ୟତର ସ୍ରଷ୍ଟା ସାଜନ୍ତୁ ।

ଆପଣମାନେ ଏହା କରିପାରିବେ ଏବଂ ଏଥିପାଇଁ ମୋର ଶୁଭେଚ୍ଛା । ଏହି ଅବସରରେ ଆଜି ସମ୍ମାନଜନକ ଡକ୍ଟରେଟ ଉପାଧିରେ ଭୂଷିତ ହେବାକୁ ଯାଉଥିବା ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ, ଭାରତର କଂଟ୍ରୋଲର ଓ ଅଡିଟର ଜେନେରାଲ ଗିରୀଶ ଚନ୍ଦ୍ର ମୁର୍ମୁ, ଓଡିଶା ହାଇକୋର୍ଟର ବିଚାରପତି କୁମାରୀ ଜଷ୍ଟିସ ସଞ୍ଜୁ ପଣ୍ଡା, ଭାବା ଆଣବିକ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଅଜିତ କୁମାର ମହାନ୍ତି ଏବଂ ଓଡିଶା ସରକାରଙ୍କ ପରାମର୍ଶଦାତା ଡକ୍ଟର ବିଜୟ କୁମାର ସାହୁଙ୍କୁ ମୁଁ ଅଭିନନ୍ଦନ ଜଣାଉଛି ।

ପୁଣି ଥରେ ମୁଁ ଆଜିର ଡିଗ୍ରୀ, ଡକ୍ଟରେଟ ଡିଗ୍ରୀ ଧାରୀ ଓ ସ୍ୱର୍ଣ୍ଣପଦକ ବିଜେତାଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି ।

ଆଜିର ଏହି ମହତ୍ତ୍ୱପୂର୍ଣ୍ଣ ଦିବସରେ ବିଶ୍ୱବିଦ୍ୟାଳୟର 'ଫାକଲ୍‌ଟି ସଦସ୍ୟ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସ୍ନାତକୋତ୍ତର ଡିଗ୍ରୀ ପାଇବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପରିବାରର ସଦସ୍ୟ ଓ ଅଭିଭାବକମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି ।

ଧନ୍ୟବାଦ,

ଜୟହିନ୍ଦ୍ ।

(ପିଆଇବି)

# ରାଜସ୍ୱ ଅମଲା ସଂଘ କାର୍ଯ୍ୟକାରିଣୀ ପରିଷଦର ଶପଥ ଗ୍ରହଣ ଉତ୍ସବ




ବଲାଙ୍ଗିର, (ନିପ୍ର) : ଓଡ଼ିଶା ରାଜସ୍ୱ ଅମଲା ସଂଘ, ବଲାଙ୍ଗିର ଶାଖା କାର୍ଯ୍ୟକାରିଣୀ ପରିଷଦର ଶପଥ ଗ୍ରହଣ ଉତ୍ସବ ପାଟଣାଗଡ଼ କାହ୍ନା ନର୍ସରୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥ ଗ୍ରହଣ ଉତ୍ସବରେ ସଂଘର ସଭାପତି ଭାବେ ପ୍ରଦ୍ୟୁମ୍ନ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ରାମନାରାୟଣ ମିଶ୍ର, ସଂପାଦକ ଭାବେ ଚୈତନ୍ୟ ବାଗ, କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର କୁମାର ବାବୁ, ସଂଗଠନ ସଂପାଦକ ଭାବେ ସରୋଜ କୁମାର ବାବୁ, ଅଫିସ ସଂପାଦକ ଭାବେ ସୁଧାକର ମହାପାତ୍ର, ଉପସଭାପତି ଭାବେ ଶ୍ରୀମତୀ ସ୍ୱାଗତିକା ମିଶ୍ର ଓ ଅସିତ କୁମାର ଯୋଷୀ, ଯୁଗ୍ମ ସଂପାଦକ ଭାବେ ଦିଲୀପ କୁମାର ମିଶ୍ର ଓ ପ୍ରସନ୍ନ କୁମାର ମେହେର, ମୁଖ୍ୟ ଉପଦେଷ୍ଟା ଭାବେ ସରୋଜ କୁମାର ନନ୍ଦ, ଉପଦେଷ୍ଟା ଭାବେ ଅନିରୁଦ୍ଧ ବୁଡ଼େକ, ବ୍ରଜବନ୍ଧୁ ଠାକୁର, କିର୍ତ୍ତିଚନ୍ଦ୍ର ମିଶ୍ର ଓ ଟିକେଲାଲ ବେହେରା, ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶରତ ଚନ୍ଦ୍ର ସାହୁ, କୈବର୍ତ୍ତ ସାହୁ, ଅଶୋକ କୁମାର ମିଶ୍ର, ଦେବୀ ପ୍ରସନ୍ନ ଶତପଥୀ, ଗଗନ ଚନ୍ଦ୍ର ସାଏ, ଗୁପ୍ତେଶ୍ୱର ଛୁରା, ବିବେକାନନ୍ଦ ନାଏକ, ଜୟନ୍ତ ବେହେରା, ମୋହନ ମୁଣ୍ଡା, କାମଦେବ ଭୋଇ, ସଂଜୟ କୁମାର ମିଶ୍ର, ରବିନାରାୟଣ ତ୍ରିପାଠୀ, ଯୁଗଳ କିଶୋର ରାଉତ, ରଶ୍ମିତା ନାଗ ଓ ବିନୋଦିନୀ ମିର୍ଦ୍ଧା ଶପଥ ଗ୍ରହଣ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ତ୍ରିନାଥ ସାହୁ ମନୋନୀତ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଶପଥ ପାଠ କରାଇଥିଲେ । ସଂଘର ଅନ୍ୟତମ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ଗୋପାଳ ଶରଣ ଦାସ, ପର୍ଶୁରାମ ନାଏକ, ମକରଧ୍ୱଜ କାଲସାଏ, ଆଲୋକ କୁମାର ପୁରୋହିତ, ବିନୟ କୁମାର ପୂଜାରୀ, ରମଣେନ୍ଦ୍ର ବୁଡ଼େକ, କିଶୋର ଚନ୍ଦ୍ର ବେହେରା, ପଂଚାନନ ପୁଝାରୀ, ରାଜେନ୍ଦ୍ର କୁମାର ନାଏକ, ଗୋପାଳ ମେହେର, ମଦନ ଗୋପାଳ ପଧାନ, ଭିକାରୀ ଚରଣ ନନ୍ଦ, ରଶ୍ମିରେଖା ବେହେରା, ବିଜୟା ଭାରତୀ, ରୀନା ପାଣିଗ୍ରାହୀ, ମମତା ସାଏ, ସୁମିତା ପଣ୍ଡା, ଲିପିକା ବେହେରା, ସୌଦାମିନୀ ସାହୁ, ସସ୍ମିତା ଦାସ, ଜସ୍ମିନ ମେହେର ପ୍ରମୁଖ ଯୋଗଦାନ କରିଥିଲେ । ସୁଶ୍ରୀ ରଶ୍ମିତା ନାଗ ମଂଚ ପରିଚାଳନା କରିଥିବା ବେଳେ ସରୋଜନ କୁମାର ବାବୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ପୋର୍ଟ ସାମଗ୍ରୀ ଗୋଦାମ ଘରେ ଲାଗିଲା ନିଆଁ : ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳିଗଲା

ବଲାଙ୍ଗିର, (ନିପ୍ର) : ସ୍ପୋର୍ଟ ସାମଗ୍ରୀ ଗୋଦାମ ଘରେ ନିଆଁ ଲାଗିବା ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ପୋଡ଼ି ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ସ୍ଥାନୀୟ ତେଲିଗୋଠପଡ଼ାରେ ରହୁଥିବା ଗୋପବନ୍ଧୁ ସ୍ପୋର୍ଟ ଷ୍ଟୋର୍‌ର ମାଲିକ ଗୋପବନ୍ଧୁ ମିଶ୍ର ଘରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ସେ ତଳ କୋଠାରେ ରହୁଥିବା ବେଳେ ଉପର କୋଠାରେ ସ୍ପୋର୍ଟ ସାମଗ୍ରୀ ମହଜୁଦ୍ ରହୁଥିଲା । ତେବେ ଉପର କୋଠା ଗୋଦାମ ଘରେ ଆଜି ନିଆଁ ଲାଗି ଯାଇଥିବାରୁ ଅଧିକ ପ୍ଲାଷ୍ଟିକ୍ ଓ କପଡ଼ା ସାମଗ୍ରୀ ଥିବା ଯୋଗୁଁ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ସଟ୍ ସର୍କିଟ୍ ଯୋଗୁଁ ନିଆଁ ଲାଗି ଥାଇପାରେ ବୋଲି ଅନୁମାନ କରାଯାଉଛି । ସୂଚନା ପାଇ ଅଗ୍ନିଶମ ବିଭାଗର ତିନୋଟି ଗାଡ଼ି ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିବାରେ ଲାଗିଥିବା ସୂଚନାରେ କୁହାଯାଇଛି ।

## ଦୁଇ ଯୁବ ପୋଲିସ କର୍ମଚାରୀଙ୍କ ପ୍ରଶଂସନୀୟ ପଦକ୍ଷେପ

ବଲାଙ୍ଗିର, (ନିପ୍ର) : ଆଜିର ତାରିଖରେ ଲୋକେ ନିଜ ସ୍ୱାର୍ଥ ପାଇଁ କାମ କରୁଥିବା ବେଳେ ଏମିତି କିଛି ଲୋକ ପରସେବାରେ ମସଗୁଲ୍ ଅଛନ୍ତି । ଏମିତି ଏକ କାମ କରିଥିବା ଯୁବ ପୋଲିସ ଦ୍ୱୟ ହେଉଛନ୍ତି ବଲାଙ୍ଗିର ରିଜର୍ଭ ପୋଲିସରେ କାର୍ଯ୍ୟରତ ରୁକ୍ମଣ ବିଶ୍ୱାଲ ଏବଂ ହୃଦାନନ୍ଦ ସାହୁ । ରୁକ୍ମଣ ନିଶାରେ କବିତା ଲେଖନ୍ତି ଏବଂ ହୃଦାନନ୍ଦ ପରସେବାରେ ବ୍ରତୀ । ବଲାଙ୍ଗୀର ପୋଲିସ ବିଭାଗରେ ସିପାହୀ ରୂପେ କାର୍ଯ୍ୟ କରୁଥିବା ରୁକ୍ମଣ ବିଶ୍ୱାଲ ଏବଂ ହୃଦାନନ୍ଦ ସାହୁ ପ୍ରାୟ ପ୍ରତିଦିନ ସକାଳୁ ମର୍ନିଙ୍ଗ୍ ୱାକ୍ ପାଇଁ ଯାଇଥାନ୍ତି । ଗତ ମାର୍ଚ୍ଚ ୨୪ ତାରିଖ ସକାଳ ୬.୩୦ ଟାରେ ମର୍ନିଙ୍ଗ୍ ୱାକ୍ ପାଇଁ ସ୍ଥାନୀୟ ବ୍ରଜଧାମ ଭିତରକୁ ଯାଉଥିବା ବେଳେ ଦିନେ ଦୁଇଦିନ ଆଗରୁ ଛୁଆ ଦେଇଥିବା ଛେଳି ସହିତ ୩ଟି ନବଜାତ ଛୁଆକୁ ଅତି ଶୋଚନୀୟ ଅବସ୍ଥାରେ ଉଦ୍ଧାର କରିଥିଲେ । ସୂଚନା ଅନୁସାରେ ସେହି ଛେଳିଟି ମାଲିକଙ୍କ ଠାରୁ ଦୁଇ ଦିନ ଆଗରୁ ହଜି ଯାଇଥିଲା । ଉକ୍ତ ଛେଳିକୁ ଉଦ୍ଧାର କରି ମାଲିକଙ୍କ ଠିକଣା ପାଇବା ପର୍ଯ୍ୟନ୍ତ ବଲାଙ୍ଗିର ସ୍ଥିତ 'ଗାଏଗଡା ନର୍ସରୀ'ର ୱାଚର୍ ଧର୍ମେନ୍ଦ୍ର ବାରିକଙ୍କ ଠାରେ ରଖିବାକୁ ଦୁହେଁ ଅନୁରୋଧ କରିଥିଲେ । ପରେ ମାଲିକଙ୍କ ଖବର ପାଇବା ପାଇଁ ରୁକ୍ମଣ ଏହି ଘଟଣାକୁ ନିଜ ଫେସବୁକ ଆକାଉଂଟରେ ଫଟୋ ସହିତ ଯୋଗାଯୋଗ ନମ୍ବର ମଧ ପୋଷ୍ଟ କରିଥିଲେ । ଯାହା ଫଳରେ ମାଲିକ ବିଜାଖମନ ବାସିନ୍ଦା ବିଳମ୍ବ ତାଣ୍ଡିଙ୍କ ପାଖକୁ ଉକ୍ତ ଖବରଟି ପହଂଚି ପାରିଥିଲା ଏବଂ ରୁକ୍ମଣଙ୍କ ସହ ଯୋଗାଯୋଗ କରି ଗତ ୨୯ ମାର୍ଚ୍ଚରେ ହଜିଥିବା ଛେଳିକୁ ଫେରି ପାଇ ମାଲିକ ବିଳମ୍ବ ତାଣ୍ଡି ବହୁତ ଖୁସି ହୋଇଥିଲେ ଏବଂ ୱାଚର ଧର୍ମେନ୍ଦ୍ରଙ୍କ ସହ ଉଦ୍ଧାରକାରୀ ରୁକ୍ମଣ ଏବଂ ହୃଦନନ୍ଦଙ୍କୁ ଅଜସ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉଭୟ ପୋଲିସ କର୍ମଚାରୀଙ୍କ ଏହି ପ୍ରଶଂସନୀୟ କାର୍ଯ୍ୟକୁ ଅଂଚଳରେ ପ୍ରଶଂସା କରାଯାଇଛି ।






## ପୋଲିସ ପ୍ରଶାସନର ୮୬ ତମ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ମନୋହରପୁର ରିଜର୍ଭ ପୋଲିସ ପ୍ୟାରେଡ୍ ପଡ଼ିଆଠାରେ ଜିଲ୍ଲା ପୋଲିସ ପ୍ରଶାସନର ୮୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ତେବେ ଏପ୍ରିଲ ୧ ତାରିଖରେ ସମଗ୍ର ଓଡ଼ିଶା ପୋଲିସ ତାର ସ୍ୱତନ୍ତ୍ର ପରିଚୟ ପାଇଥିଲା ଯାହାକୁ ନେଇ ସମଗ୍ର ଓଡ଼ିଶାରେ ଏପ୍ରିଲ ଏକ ତାରିଖକୁ ପୋଲିସ ପ୍ରଶାସନର ପ୍ରତିଷ୍ଠା ଦିବସ ଭାବେ ପାଳନ କରିଆସୁଛି ।

ଏହି ଅବସରରେ ବଲାଙ୍ଗିର ପୋଲିସ ଅଧକ୍ଷ ନୀତିନ କୁଶଲକର ରିଜର୍ଭ ପୋଲିସ ପ୍ୟାରେଡ୍ ପଡ଼ିଆ ଠାରେ ହୋଇଥିବା ୮୬ତମ ପ୍ରତିଷ୍ଠା ଦିବସରେ ଯୋଗ ଦେଇ ପୋଲିସ ପ୍ରଶାସନ ଦ୍ୱାରା ଆୟୋଜିତ ହୋଇଥିବା ପ୍ୟାରେଡ୍ ନିରୀକ୍ଷଣ କରିବା ସହ ନିଜ ଅଭିବାଦନ ଗ୍ରହଣ କରିଥିଲେ । ଏଥିରେ ପୋଲିସ ଏପିଆର, ପୋଲିସ କନେଷ୍ଟବଲ, ବେଣ୍ଡ ପାର୍ଟି ଯୋଗଦାନ କରି ଉତ୍ତମ ପ୍ୟାରେଡ୍ ପଦର୍ଶନ କରିଥିଲେ ।

ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ଶ୍ରୀ କୁଶଳକର ନିଜ ଅଭିଭାଷଣରେ ପୋଲିସ ପ୍ରଶାସନର ୮୬ତମ ପ୍ରତିଷ୍ଠା ଦିବସର ସ୍ମୃତି ଚାରଣ କରିବା ସହ ମହାମହିମ ରାଜ୍ୟପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ପୋଲିସ ପ୍ରତି ଦେଇଥିବା ଶୁଭେଛା ବାର୍ତ୍ତାକୁ ନିଜ ଅଭିବାଦନ ମାଧ୍ୟମରେ ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ ପୋଲିସ ପ୍ରଶାସନର କିଛି ଅଧିକାରୀ ବୃନ୍ଦ ତଥା କାର୍ଯ୍ୟରତ କର୍ମଚାରୀଙ୍କୁ ତାଙ୍କ ଦକ୍ଷତା ଓ କର୍ତ୍ତବ୍ୟ ପରାୟଣତାକୁ ଦୃଷ୍ଟିରେ ରଖି କିଛି ଆର୍ଥିକ ସହାୟତା ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ଆରକ୍ଷୀ ଅଧିକ୍ଷକ । ତେବେ ୮୬ତମ ପ୍ରତିଷ୍ଠା ଦିବସ ଅବସରରେ ସହରର କିଛି ବୁଦ୍ଧିଜୀବୀ ପ୍ରଶାସନିକ ଅଧିକାରୀଙ୍କ ସହ ଗଣମାଧମର ପ୍ରତିନିଧି ଉପସ୍ଥିତ ଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com